### ଅସ୍ତରଙ୍ଗ ମୁଖ୍ୟ ବଜାରରୁ ହଟୁନି ଜବରଦଖଲ

# ସଙ୍କୁଚିତ ହେଉଛି ରାସ୍ତା; ଭିଡ଼ରେ ଫସୁଛନ୍ତି ଯାତ୍ରୀ

ଅସ୍ତରଙ୍ଗ,୮।୧(ସମିସ):



➤ ଘଣ୍ଟା ଘଣ୍ଟା ଅଟକୁଛି ପର୍ଯ୍ୟଟକଙ୍କ ଗାଡ଼ି
➤ ଆମ୍ବୁଲାନ୍ସ ବି ବାଦ ପଡୁନି; ନିରବଦ୍ରଷ୍ଟା ସାଜିଛି ପ୍ରଶାସନ

ଅସ୍ତରଙ୍ଗ ଅଞ୍ଚଳରେ ସରକାରୀ ଜାଗା ଜବରଦଖଲ ଦିନକୁ ଦିନ ସମସ୍ୟା ବଢ଼େଇବାରେ ଲାଗିଲାଣି। ସରକାରଙ୍କ ରାଜସ୍ୱ ଆଇନକୁ କେହି ମାନୁନାହାନ୍ତି। ଜିଲ୍ଲା ହେଉ କି ଅସ୍ତରଙ୍ଗ ରାଜସ୍ୱ ବିଭାଗ ସବୁ ନିରବଦ୍ରଷ୍ଟା ସାଜିଛନ୍ତି। ଗୋଚର, ଅନାବାଦୀ, ଜଙ୍ଗଲ, ନଦୀ, କେନାଲ ସବୁ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଏବେ ସବୁଠୁ ବେଶୀ ଅସହ୍ୟ ହୋଇପଡ଼ିଲେଣି ପଥଚାରୀ। ଅସ୍ତରଙ୍ଗ ମୁଖ୍ୟ ବଜାର ୩ ଛକିରେ ରାସ୍ତା ଉପରକୁ ମାଡ଼ି ଆସି ସରକାରୀ ଡ୍ରେନ୍, ରାସ୍ତା ସହିତ ସବୁ ଜବରଦଖଲ କରି ନିଜ କବ୍‌ଜାରେ ରଖିଛନ୍ତି ଜବରଦଖଲକାରୀ। ଯାହା ଫଳରେ ମୁଖ୍ୟ ବଜାରରେ ଟ୍ରାଫିକ୍ ସମସ୍ୟା ଅଣାୟତ୍ତ ହେଲାଣି। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଜବରଦଖଲ ଯୋଗୁଁ ରାସ୍ତା ସଙ୍କୁଚିତ ହେଉଥିବାରୁ ବ୍ୟବସାୟ ଅନୁଷ୍ଠାନକୁ ଆସୁଥିବା ଗ୍ରାହକମାନେ ରାସ୍ତା ଉପରେ ଗାଡ଼ି ପାର୍କିଂ କରି ଦୋକାନକୁ ସାମଗ୍ରୀ କ୍ରୟ କରିବାକୁ ଯାଉଛନ୍ତି। ଯେଉଁଥିପାଇଁ ଏଭଳି ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଫଳରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବାଟୋଇ। ରାସ୍ତାର ଉଭୟ ପଟୁ କିଛି ଭାରୀଯାନ ଆସିଲେ ଅନ୍ୟ ଯାତ୍ରୀମାନେ ଅଧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅଟକି ରହୁଛନ୍ତି। ଏହି ରାସ୍ତାରେ ଜରୁରୀକାଳୀନ ସେବାରେ ନିୟୋଜିତ ଯାନବାହନ ଆସିଲେ ବି ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ଉଠାଦୋକାନୀ ମଧ୍ୟ ମୁଖ୍ୟ ରାସ୍ତାକୁ ମାଡି ନିଜ ପସରା ଖୋଲୁଛନ୍ତି। ଏହି ଛକକୁ ଅସ୍ତରଙ୍ଗର ଜନଗହଳିପୂର୍ଣ୍ଣ ଛକ କୁହାଯାଉଥିବା ବେଳେ ଏବେ ଜବରଦଖଲକାରୀଙ୍କ ପାଇଁ ସମସ୍ୟା ଦ୍ୱିଗୁଣିତ ହୋଇଯାଇଛି। ବର୍ତ୍ତମାନ ପିକ୍‌ନିକ ସମୟ ଚାଲିଛି। ଅସ୍ତରଙ୍ଗ ବେଳାଭୂମି ପୀରଜାହାନିଆ ଓ ଗଙ୍ଗାଦେବୀକୁ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ବୁଲିବାକୁ ଆସୁଛନ୍ତି। ଆଉ ଏହି ସମୟରେ ସକାଳ ୯ଟାରୁ ରାତି ୮ଟା ପର୍ଯ୍ୟନ୍ତ ଉକ୍ତ ଜାଗାରେ ଟ୍ରାଫିକ୍ ସମସ୍ୟା ଯୋଗୁ ଅଣନିଶ୍ୱାସୀ ହୋଇଯାଉଛନ୍ତି ବାଟୋଇ। ଏ ସଂପର୍କରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି କହିଛନ୍ତି, ଏହି ଘଟଣା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ଏହି ସମସ୍ୟାର ସମାଧାନ କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

# ପ୍ରବାସୀଙ୍କ ଆକର୍ଷଣ ଶ୍ରୀମନ୍ଦିର, ସୂର୍ଯ୍ୟମନ୍ଦିର



➤ ପରିଦର୍ଶନ କରୁଛନ୍ତି ରଘୁରାଜପୁର ଓ ଚିଲିକା
➤ ସେବା ଯୋଗାଇଦେଉଛି ପୁରୀ ପୁଲିସ

ପୁରୀ,୮।୧(ସମିସ): ପ୍ରବାସୀ ଭାରତୀୟଙ୍କର ପୁରୀକୁ ଆଗମନ ବଢ଼ିବାରେ ଲାଗିଛି। ବିଶେଷକରି ଶ୍ରୀମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର, ଐତିହ୍ୟ ଗ୍ରାମ ରଘୁରାଜପୁର ଏବଂ ଚିଲିକାକୁ ପ୍ରବାସୀ ଭାରତୀୟ ଆସୁଥିବାରୁ ପୁରୀ ପୁଲିସ ପକ୍ଷରୁ ସତର୍କ ଦୃଷ୍ଟି ଦିଆଯାଇଛି। ବୁଧବାର କୋଣାର୍କ ସୂର୍ଯ୍ୟମନ୍ଦିରକୁ ୨୩୫ ଜଣ ପ୍ରବାସୀ ପରିଦର୍ଶନରେ ଆସିଥିଲେ। ସେମାନଙ୍କୁ ପୁଲିସ ତରଫରୁ ସ୍ୱାଗତ କରାଯାଇଥିଲା। ପ୍ରବାସୀଙ୍କ ଗସ୍ତ ପରିପ୍ରେକ୍ଷୀରେ ଭୁବନେଶ୍ୱରଠାରୁ କୋଣାର୍କ ପର୍ଯ୍ୟନ୍ତ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ସେମାନେ ଏକ ସୁସ୍ଥ ମନୋଭାବ ନେଇ କୋଣାର୍କରୁ ଭୁବନେଶ୍ୱର ଫେରିଥିଲେ। ସେହିପରି ଶ୍ରୀମନ୍ଦିରକୁ ସର୍ବାଧିକ ୩୨୦ ପ୍ରବାସୀ ବିଭିନ୍ନ ସମୟରେ ମହାପ୍ରଭୁଙ୍କର ଦର୍ଶନ କରିଥିଲେ। ପୁରୀ ପୁଲିସ ତରଫରୁ ଭୁବନେଶ୍ୱରଠାରୁ ଜେବିପିସି ପର୍ଯ୍ୟନ୍ତ ଏବଂ ଜେବିପିସିଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଥିଲା। ସେମାନେ ସୁଖଦ ଅନୁଭୂତି ନେଇ ଭୁବନେଶ୍ୱର ଫେରିଥିଲେ। ସେହିପରି ରଘୁରାଜପୁରକୁ ୯ ଜଣ ଏବଂ ଚିଲିକାକୁ ୫ ଜଣ ପ୍ରବାସୀ ପରିଦର୍ଶନରେ ଆସିଥିଲେ। ଚିଲିକା ଆସିଥିବା ପ୍ରବାସୀମାନେ ଏକ ବୋଟ୍ ମାଧ୍ୟମରେ ଚିଲିକା ପରିଦର୍ଶନ କରିଥିଲେ।

# ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କଲେ ସାତପଡ଼ାବାସୀ



କୃଷ୍ଣପ୍ରସାଦ,୮।୧(ସମିସ):

ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅଧୀନ ସାତପଡ଼ା ପର୍ଯ୍ୟଟନସ୍ଥଳୀରେ ୫ଜଣ ପ୍ରବାସୀ ଭାରତୀୟ ବୁଧବାର ପହଞ୍ଚିବା ପରେ କୃଷ୍ଣପ୍ରସାଦ ବିଡିଓ ଅମିୟ କୁମାର ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚଙ୍କ ନେତୃତ୍ୱରେ ପ୍ରବାସୀ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରବାସୀ ଭାରତୀୟମାନେ ସାତପଡ଼ା ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରିଥିଲେ। ଅପରୂପ ସୌନ୍ଦର୍ଯ୍ୟରେ ଭରପୁର ସାତପଡ଼ା ପର୍ଯ୍ୟଟନସ୍ଥଳୀର ପରିବେଶ ପ୍ରବାସୀ ଭାରତୀୟ ମାନଙ୍କ ହୃଦୟକୁ ଛୁଇଁଥିଲା। ଚିଲିକାର ନୀଳ ଜଳରାଶିରେ ବିଦେଶାଗତ ପକ୍ଷୀଙ୍କ କଳରବ, ଡଲଫିନଙ୍କ ଜଳକ୍ରୀଡ଼ା ଦୃଶ୍ୟକୁ ପ୍ରବାସୀ ଭାରତୀୟମାନେ ବେଶ ଉପଭୋଗ କରି ଆନନ୍ଦ ପ୍ରକାଶ କରିଥିଲେ। ସେମାନେ ଚିଲିକା ଜଳରାଶିରେ ବୋଟିଂର ମଜା ନେଇଥିଲେ। ବିଶେଷ କରି ପ୍ରାକୃତିକ ପରିବେଶକୁ ଦେଖି ପ୍ରବାସୀ ଭାରତୀୟମାନେ ବେଶ ଆନନ୍ଦ ଅନୁଭବ କରୁଥିବା ସ୍ପଷ୍ଟ ବାରି ହୋଇ ପଡୁଥିଲା। ଅଞ୍ଚଳବାସୀଙ୍କ ବ୍ୟବହାର ସେମାନଙ୍କୁ ଆକୃଷ୍ଟ କରିଥିଲା। ପରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ପର୍ଯ୍ୟଟକ ପରିଦର୍ଶନ କେନ୍ଦ୍ର ପରିଦର୍ଶନ କରିଥିଲେ। ସିଡିଏ କନିଷ୍ଠ ଯନ୍ତ୍ରୀ ଡମ୍ବରୁଧର ବିଶ୍ୱାଳ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିବା ବେଳେ କନିଷ୍ଠ ଯନ୍ତ୍ରୀ ଶ୍ରୀ ବିଶ୍ୱାଳଙ୍କୁ ପ୍ରବାସୀ ଭାରତୀୟ ପ୍ରଶଂସା କରିଥିଲେ। ବରିଷ୍ଠ ଡାକ୍ତର ନବ କିଶୋର କରଙ୍କ ନେତୃତ୍ୱରେ ପ୍ରବାସୀମାନଙ୍କ ନିମନ୍ତେ ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯାଇଛି। ପ୍ରବାସୀଙ୍କୁ ଚିଲିକା ପରିଭ୍ରମଣ ନିମନ୍ତେ ଅନ୍ତର୍ଦେଶୀୟ ଜଳପଥ ପରିବହନ ପକ୍ଷରୁ ଶବ୍ଦ ବିହୀନ ମୋଟର ବୋଟ୍ ବ୍ୟବସ୍ଥା କରାଯାଇଥିବା ବେଳେ ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ବିଭାଗ ପ୍ରସ୍ତୁତ ଥିବା ଜଣାଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ କାର୍ଯ୍ୟନିର୍ବାହୀ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଅମ୍ଳାନ ନାୟକ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପୁରୀ ରାଜୀବ ଲୋଚନ ବେହେରା, ସିଡିଏ ସହକାରୀ ଯନ୍ତ୍ରୀ ମଙ୍ଗୁଳି ଚରଣ ରାଉତ, ଅନ୍ତର୍ଦେଶୀୟ ଜଳପଥ ପରିବହନ ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ମାନସିଂହ, ରେଞ୍ଜର ଶରତ ଜାନି, କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସ୍ୱାଇଁ, କମଳାକାନ୍ତ ବାସ୍କେ, ଜିତେନ୍ଦ୍ର ଦାସ, ପଙ୍କଜରାଜ ମିଞ୍ଜ ପ୍ରମୁଖ ପ୍ରବାସୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ଲାଗିପଡିଛନ୍ତି। ପ୍ରବାସୀ ଭାରତୀୟମାନଙ୍କୁ ପାଖରେ ପାଇ ସାତପଡ଼ାବାସୀ ବେଶ ଆନନ୍ଦ ଅନୁଭବ କରିଥିଲେ। ବିଜ୍ଞାନୀ ଦାସଙ୍କ ନେତୃତ୍ୱରେ ସୁଦୂର ଆମେରିକାରୁ ପ୍ରବାସୀ ଭାରତୀୟମାନେ ଏଠାକୁ ଆସିଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି।

# ସ୍ମୃତି ସାଉଁଟିଲେ ସହପାଠୀ



ନିମାପଡ଼ା,୮।୧(ସମିସ): ନିମାପଡ଼ା ବ୍ଲକ ବଡ଼ମାଛପୁର ପଞ୍ଚାୟତ ଅଧୀନସ୍ଥ ପଞ୍ଚାୟତ ପଞ୍ଚଶକ୍ତି ବିଦ୍ୟାପୀଠ ବଡ଼ମାଛପୁର ବିଦ୍ୟାଳୟର ୧୯୯୯ ମାଟ୍ରିକ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଦିନ ପରେ ଏକ୍ରତିତ ହୋଇ ପୁରାତନ ସାଥୀମାନେ ଭାବର ଆଦାନ ପ୍ରଦାନ କରିବା ସହିତ ଅତୀତର ସ୍ମୃତିକୁ ସାଉଁଟିଥିଲେ। ଏହି ଅବସରରେ ସେମାନଙ୍କୁ ପାଠ ପଢ଼ାଉଥିବା ଗୁରୁମାନଙ୍କୁ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ବନ୍ଧୁମିଳନ ଉତ୍ସବରେ ଏକ ଶହରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

**କୁଣ୍ଢେଇ:** କାକଟପୁର ସମେଶ୍ୱର ମନ୍ଦିର ପରିସରରେ କାକଟପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୧୯୬୯ ବ୍ୟାଚ୍‌ର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷ ପରେ ୨୫ ଜଣ ବରିଷ୍ଠ ନାଗରିକ ଉକ୍ତ ଉତ୍ସବରେ ଯୋଗଦେଇଥିଲେ। ଦୀର୍ଘ ୫୬ ବର୍ଷ ପରେ ଦେଖାହେବା ପରେ ପରସ୍ପର ସହ ଭାବର ଆଦାନ ପ୍ରଦାନ ବେଳେ ମନ୍ଦିର ପରିସରରେ ଏକ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା। ପ୍ରାରମ୍ଭରେ ଦିବଙ୍ଗତ ଗୁରୁ ଓ ସହପାଠୀଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଆଗାମୀ ଦିନରେ ପରିବେଶ ସୁରକ୍ଷା ଦୃଷ୍ଟିରୁ ଏକ ସର୍ବସାଧାରଣ ସ୍ଥାନ ଚିହ୍ନଟ କରି ବର୍ଷା ଋତୁ ଆସିବା ପୂର୍ବରୁ ବୃକ୍ଷରୋପଣ କରାଯିବା ସହ ତା'ର ରକ୍ଷଣାବେକ୍ଷଣ ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ଯୋଗେନ୍ଦ୍ର ନାଥ ମିଶ୍ର, ବିଜୟ ଦାସ, କାହ୍ନୁ ଚରଣ ସ୍ୱାଇଁ, ଲକ୍ଷ୍ମୀଧର ସାହୁ, ମନ୍ମଥ କୁମାର ସ୍ୱାଇଁ, କୈଳାସ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## 'ଦୟାନିଧି ସଙ୍ଗୀତ ସୁଧା'ର ଭକ୍ତିସଙ୍ଗୀତ

ପୁରୀ,୮।୧(ସମିସ): ଶରଧାବାଲିଠାରେ ଚାଲିଥିବା ଶ୍ରୀକ୍ଷେତ୍ର ପୁସ୍ତକ ମେଳା ମଞ୍ଚଳରେ ମଙ୍ଗଳବାର ସନ୍ଧ୍ୟାରେ ଶ୍ରୀକ୍ଷେତ୍ରର ଅଗ୍ରଣୀ ସଙ୍ଗୀତ ଅନୁଷ୍ଠାନ "ଦୟାନିଧି ସଙ୍ଗୀତ ସୁଧା'ର କଣ୍ଠଶିଳ୍ପୀମାନେ ଗୁରୁ ପ୍ରକାଶ କୁମାର ରଥଙ୍କ ସଂଯୋଜନାରେ ଭକ୍ତିସଙ୍ଗୀତ ପରିବେଷଣ କରି ସଙ୍ଗୀତପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅନୁଷ୍ଠାନର କଣ୍ଠଶିଳ୍ପୀମାନେ ହେଲେ କଲ୍ୟାଣମୟୀ ନାୟକ, ଶୁଭଶ୍ରୀ ପ୍ରଧାନ, ଶ୍ୱେତାସାଗରିକା ପାଇକ, ପ୍ରିତମ ବରାଡ, ଶ୍ରୀଜଲ ମହାପାତ୍ର, ତପସ୍ୱିନୀ ରଣା, ଅସିତ୍ କୁମାର ସାହୁ ଓ ଲକ୍ଷ୍ମୀପ୍ରିୟା ସମର୍ଥା। ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ଗୁରୁ ହରିଶ୍ଚନ୍ଦ୍ର ଦାସ, ଗୁରୁ ଶାରଦା ପ୍ରସନ୍ନ ମିଶ୍ର, ଗୁରୁ ଜଗନ୍ନାଥ ମିଶ୍ର। ତେବେ ପୁସ୍ତକ ମେଳାରେ ସାହିତ୍ୟ ଏବଂ ସଙ୍ଗୀତର ଅପୂର୍ବ ସମନ୍ୱୟ ସମସ୍ତଙ୍କୁ ଆମୋଦିତ କରିଥିଲା।

## ବିଶ୍ୱଶାନ୍ତି ମହାଯଜ୍ଞର ପ୍ରସ୍ତୁତି ବୈଠକ



କଣାସ,୮।୧(ସମିସ): କଣାସ ବ୍ଲକ ବଡାସ ଗ୍ରାମପଞ୍ଚାୟତର ଆରାଧ୍ୟ ଦେବତା ବାବା ବୈଦ୍ୟନାଥଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଚଳିତ ବର୍ଷ ସରସ୍ୱତୀ ପୂଜାଠାରୁ ୪ ଦିନ ଧରି ଅନୁଷ୍ଠିତ ହେବ। ଏନେଇ ଯଜ୍ଞ କମିଟିର ସଭାପତି ହାଡିବନ୍ଧୁ ପାତ୍ରୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବୈଦ୍ୟନାଥ ପୀଠରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମିଟିର ସଭ୍ୟ ସର୍ବେଶ୍ୱର ପ୍ରଧାନ, ପୂର୍ବତନ ସରପଞ୍ଚ ବଳରାମ ପଲାଇ, ସୁବଧ କୁମାର ଦାଶ, ସନ୍ତୋଷ କୁମାର ପଟ୍ଟନାୟକ, ଭରତ ପ୍ରଧାନ, ବୈଦ୍ୟନାଥ ମହାପାତ୍ର, ଟୁକୁନା ସାମନ୍ତରାୟ, ବାପି ପରିଡା, ବିଭୂତି ପଟ୍ଟନାୟକ, ଶ୍ରୀନିବାସ ପରିଡା, ଅଭିମନ୍ୟୁ ଦାଶଙ୍କ ସମେତ ୨୫ ଜଣ କର୍ମକର୍ତ୍ତା ଯୋଗଦେଇ କିପରି ଶାନ୍ତିଶୃଙ୍ଖଳାର ସହିତ ମହାଯଜ୍ଞ ପରିଚାଳନା କରାଯିବ ସେନେଇ ଆଲୋଚନା ହୋଇଥିଲା।

## ଅଭ୍ୟାସ ବେଳେ ଫୁଟିଲା ଗୁଳି

ପୁରୀ,୮।୧(ସମିସ): ପୁରୀ ରିଜର୍ଭ ପୁଲିସ ଲାଇନରେ ଫୁଟିଲା ଗୁଳି। ଅଭ୍ୟାସ ସମୟରେ ଜଣେ ହାବିଲଦାରଙ୍କ ବନ୍ଧୁକରୁ ଗୁଳି ଫୁଟିଥିଲା। ହେଲେ ସେଠାରେ ଉପସ୍ଥିତ ପୁଲିସ କର୍ମଚାରୀମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। କାହାର କୌଣସି ପ୍ରକାର କ୍ଷତି ହୋଇନହିଁ। ତେବେ ଏହି ଖବରକୁ ଅସ୍ୱୀକାର କରିଛି ପୁଲିସ। ଜିଲ୍ଲା ପୁଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ରିଜର୍ଭ ପୁଲିସ ଲାଇନରେ ଅଭ୍ୟାସ ସମୟରେ ଜଣେ ଏଏସ୍‌ଆଇଙ୍କ ବନ୍ଧୁକରୁ ମିସ୍ ଫାୟାର କରାଯାଇଥିଲା। ତେବେ ଭାଇରାଲ ହେଉଥିବା କଥା ସମ୍ପୂର୍ଣ୍ଣ ମିଥ୍ୟା।

## ୧୦୭ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ନିମାପଡ଼ା,୮।୧(ସମିସ): ନିମାପଡ଼ା ବ୍ଲକ ପରିସରରେ ମଙ୍ଗଳବାର ବ୍ଲକର ବିଭିନ୍ନ ପଞ୍ଚାୟତର ୧୦୭ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ବିଡିଓ ଡଃ ଅଭିଜିତ ଷଡ଼ଙ୍ଗୀ, ଏବିଡିଓ ପ୍ରିୟଦର୍ଶିନୀ ବରାଳ, ସାମାଜିକ ସୁରକ୍ଷା ଅଧିକାରୀ ଜୟକୃଷ୍ଣ ସ୍ୱାଇଁ, ସହ-ସାମାଜିକ ସୁରକ୍ଷା ଅଧିକାରୀ ପୂର୍ଣ୍ଣିମା ବେହେରା ପ୍ରମୁଖ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ୨ ଜଣଙ୍କୁ ଶ୍ରବଣଯନ୍ତ୍ର, ୭ ଜଣଙ୍କୁ ଟ୍ରାଇ ସାଇକେଲ,୨ ଜଣଙ୍କୁ ହ୍ୱିଲ୍ ଚେୟାର ବଣ୍ଟନ କରାଯାଇଥିଲା।

## ମୃଗୀ ମାତାଙ୍କୁ ପୂଜାର୍ଚ୍ଚନା କଲେ କିନ୍ନର

ପୁରୀ,୮।୧(ସମିସ): ସଂସାରର ମଙ୍ଗଳ କାମନା କରି ପୁରୀ ଜିଲ୍ଲା କିନ୍ନର ସଂଘ ପକ୍ଷରୁ ମଙ୍ଗଳବାର ଇଷ୍ଟ ଦେବୀ ମୃଗୀ ମାତାଙ୍କୁ ପୂଜାର୍ଚ୍ଚନା କରାଯାଇଛି। ଏହି ଅବସରରେ ନରେନ୍ଦ୍ର ପୁଷ୍କରିଣୀରୁ ୧୦୧ କଳସ ଯାତ୍ରା ଅଣାଯାଇ ବଡ଼ଦାଣ୍ଡସ୍ଥିତ ରାଣୀସତୀ ଭବନରେ ପହଞ୍ଚିବା ପରେ ସେଠାରେ ମୃଗୀ ମାତାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପୁରୀ ଜିଲ୍ଲା କିନ୍ନର ସଂଘର ମା' ଦେବକୀ ଏବଂ ସଭାପତି ପ୍ରୀୟଂଶି ଦାସ, ସମ୍ପାଦକ ପିହୁ କିନ୍ନର, ରିମଝିମ୍, ରଶ୍ମି, ପ୍ରିୟା, କାଜଲ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସାରସ୍ୱତ ଆଲୋଚନା ଓ କବିତା ପାଠୋତ୍ସବ

ପୁରୀ,୮।୧(ସମିସ): ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ସଭାମଞ୍ଚରେ ସାରସ୍ୱତ ଆଲୋଚନା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରତିମା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ ପ୍ରାବନ୍ଧିକ ପ୍ର. ଅଦ୍ୱୈତ ଚରଣ ଧଳ ଉଦ୍‌ଘାଟକ, ଭାଷାବିତ୍ ଡ. ହରପ୍ରସାଦ ମିଶ୍ର ମୁଖ୍ୟଅତିଥି, ଲୋକସେବା ଆୟୋଗର ପ୍ରାକ୍ତନ ସଦସ୍ୟ ଜଗନ୍ନାଥ ମହାନ୍ତି ମୁଖ୍ୟବକ୍ତା ଏବଂ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ରାଧାମାଧବ ରଥଙ୍କ ଉପନ୍ୟାସ 'ଦୀପତଳ ଅନ୍ଧାର' ଲୋକାର୍ପିତ ହୋଇଥିଲା। ପ୍ରାରମ୍ଭରେ ମଞ୍ଜୁଶ୍ରୀ ମିଶ୍ର ଭଜନ ପରିବେଷଣ କରିଥିଲେ। ସାଧାରଣ ସମ୍ପାଦକ ଶିଶୁ ସାହିତ୍ୟିକ ସତ୍ୟ ନାରାୟଣ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷା ପ୍ରଶାସିକା ବିଜୟଲକ୍ଷ୍ମୀ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ପିତାମ୍ବର ମହାପାତ୍ର ଧନ୍ୟବାଦ ଦେଇଥିବା ବେଳେ କବି କମଳ କୁମାର ଦାଶ ମଞ୍ଚ ସଞ୍ଚାଳନ କରିଥିଲେ। କବି କ୍ରୀଷ୍ଣା ମହାପାତ୍ର, ଡ. କଲ୍ୟାଣୀ ନନ୍ଦୀ ଏବଂ କମଳିନୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ।

### ● ୨୯ତମ ନିମାପଡ଼ା କପ୍ କ୍ରିକେଟ

# ସେମିରେ ଖୋର୍ଦ୍ଧାର ରେଲୱେ ଟିମ୍

ନିମାପଡ଼ା,୮।୧(ସମିସ)




ନିମାପଡ଼ା ବାରବାଟୀ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ୨୯ତମ ନିମାପଡ଼ା କପ୍ ତଥା ପ୍ରଥମ ତାପସ ଦାସ ସ୍ମାରକୀ କ୍ରିକେଟ ପ୍ରତିଯୋଗିତାର ଆଜି ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ନିମାପଡା ଆଥ୍‌ଲେଟିକ ଆସୋସିଏସନ୍‌କୁ ପରାସ୍ତ କରି ଖୋର୍ଦ୍ଧା ରେଲୱେ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ୩୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ନିମାପଡା ଆଥ୍‌ଲେଟିକ ଆସୋସିଏସନ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଖୋର୍ଦ୍ଧା ରେଲୱେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୨୭୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଦୀପ୍ତ ଦାସ ସର୍ବାଧିକ ୭୩ ରନ୍, ସମୀର ମହାନ୍ତି ୬୦ ରନ୍, ସୁଜିତ ଲେଙ୍କା ୪୭ ରନ୍, ରାକେଶ ମହାନ୍ତି ୪୫ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ବୋଲର ପ୍ରିୟରଞ୍ଜନ ମୁଦୁଲି ଓ ସୂର୍ଯ୍ୟକାନ୍ତ ମୁଦୁଲି ୨ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ନିମାପଡା ଆଥ୍‌ଲେଟିକ ଆସୋସିଏସନ୍ ୨୩୫ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ପ୍ରିୟାଂଶୁ ପଲେଇ ୪୮ ରନ୍, ରାମ ନାରାୟଣ ପଣ୍ଡା ୪୪ ରନ୍, ଜ୍ୟୋତି ରଞ୍ଜନ ବିଶ୍ୱାଳ ୩୪ ରନ୍, ବିଶ୍ୱଜିତ ତ୍ରିପାଠୀ ୨୭ ରନ୍ ସଂଗ୍ରହ କରିଥିଲେ। ଖୋର୍ଦ୍ଧା ରେଲୱେ ଦଳର ବୋଲର ମଳୟ ଜେନା ମୂଲ୍ୟବାନ ୩ଟି ୱିକେଟ ଓ ଜୟନ୍ତ ବେହେରା ୨ଟି ୱିକେଟ ନେଇଥିଲେ। ବିଜୟୀ ଦଳର ପ୍ରଦୀପ୍ତ ଦାସ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଜିର ମ୍ୟାଚକୁ ନିର୍ମଳ ମିଶ୍ର ଓ ସମ୍ବିତ ପଟ୍ଟନାୟକ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିଭାବେ ପୂର୍ଣ୍ଣଚନ୍ଦ୍ର ସାହୁ, ଗୟାଧର ବେହେରା, ଜୀବନାନନ୍ଦ ମହାପାତ୍ର, ଅକ୍ଷୟ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଗୁରୁବାର ରାଇଜିଂ କ୍ଲବ, ରାଉରକେଲା ଓ ପାରାଦ୍ୱୀପ କ୍ରିକେଟ କ୍ଲବ ମଧ୍ୟରେ ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ନିମାପଡା ଆଥ୍‌ଲେଟିକ ଆସୋସିଏସନ୍ କ୍ରିକେଟ ସଂପାଦକ ଅକ୍ଷୟ ବେହେରା ସୂଚନା ଦେଇଛନ୍ତି।






୮/୧/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୮୦,୦୦୨/- ସୁନା: ୦୩.୪୫୦ ଗ୍ରାମ୍ ରୁପା: ୨୬.୪୨୦ ଗ୍ରାମ୍



## ପୁରୀ ବେଳାଭୂମି ମହୋତ୍ସବ

# ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରିଲେ ରତୁରାଜ ଓ ବର୍ଣ୍ଣାଲୀ








ପୁରୀ, ୮।୧(ସମିସ)

ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ପୁରୀ ବେଳାଭୂମି ମହୋତ୍ସବର ବୁଧବାର ଦ୍ୱିତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ତେବେ ଦ୍ୱିତୀୟ ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ଥିଲେ ପ୍ରସିଦ୍ଧ କଣ୍ଠଶିଳ୍ପୀ ରତୁରାଜ ମହାନ୍ତି ଏବଂ ବର୍ଣ୍ଣାଳୀ ହୋତା। ବିଶେଷକରି ଯୁବବର୍ଗଙ୍କ ପସନ୍ଦ ଏହି ଦୁଇ କଣ୍ଠଶିଳ୍ପୀ ବେଳାଭୂମିର ଶୀତୁଆ ସନ୍ଧ୍ୟାରେ ଉଷ୍ମତା ଭରିଥିଲେ। ଗୋଟିଏ ପରେ ଗୋଟିଏ ଲୋକପ୍ରିୟ ଗୀତ ପରିବେଷଣ କରି ଯୁବବର୍ଗଙ୍କୁ ନଚାଇଥିଲେ। ଏତଦ୍‌ବ୍ୟତୀତ ସମ୍ବଲପୁରୀ ଓ ମାହାରୀ ନୃତ୍ୟ ପରିବେଷଣ ସାଙ୍ଗକୁ ଆକର୍ଷଣୀୟ ଲେଜର ଶୋ' ଓ ପୁଷ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ସଭାପର୍ବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଶ୍ରୀ ହରିଚନ୍ଦନ କହିଥିଲେ, ପ୍ରବାସୀ ଭାରତୀୟ ଦିବସ ଆୟୋଜନ ଓଡ଼ିଶା ପାଇଁ ଏକ ବଡ଼ ଉପଲବ୍ଧି ଓ ଗୌରବର ବିଷୟ। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ପ୍ରବାସୀ ଭାରତୀୟଙ୍କ ଭଲପାଇବାର ଏହା ଏକ ସ୍ମୃତି। ମହାପ୍ରଭୁଙ୍କ କ୍ଷେତ୍ରକୁ ଆସିବା ସମସ୍ତଙ୍କ ଇଚ୍ଛା ଥାଏ। ପ୍ରବାସୀ ଭାରତୀୟମାନେ ମଧ୍ୟ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ ଓ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ କରୁଛନ୍ତି। ଅତିଥିମାନଙ୍କୁ ସୁନ୍ଦର ଆତିଥେୟତା ପ୍ରଦାନ କ୍ଷେତ୍ରରେ ଓଡ଼ିଶା ଅଗ୍ରଣୀ। ଆମେ ପୁରୀବାସୀ ଏହାକୁ ଅକ୍ଷୁଣ୍ଣ ରଖିବା। ବିଚ୍ ଫେଷ୍ଟିଭାଲ ପୁରୀର ହୋଟେଲ ସଂଘ ଆରମ୍ଭ କରିଥିଲେ। ତେଣୁ ପ୍ରଶାସନ, ହୋଟେଲ ଆସୋସିଏସନ୍ ଓ ଅନ୍ୟାନ୍ୟ ସଙ୍ଗଠନ ମିଶି ବର୍ଷକୁ ୪ଟି ମହୋତ୍ସବର ବ୍ୟବସ୍ଥା କରାଯିବାକୁ ସେ ମତ ଦେଇଥିଲେ। ଏହାଦ୍ୱାରା ପର୍ଯ୍ୟଟକ ଅଧିକ ଆକୃଷ୍ଟ ହେବେ। ଆମର ଲକ୍ଷ୍ୟ ପୁରୀକୁ ଦୈନିକ ଅନ୍ତତଃ ୧ଲକ୍ଷ ଲୋକଙ୍କ ଆଗମନ ହେଉ। ଯାହା ଆମ ପର୍ଯ୍ୟଟନ ଶିଳ୍ପକୁ ଆଗକୁ ନେବା ସହ ବିଶ୍ୱରେ ଆମ ମହାନ ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ପ୍ରଚାର ପ୍ରସାର କରିବା ଦିଗରେ ସହାୟକ ହେବ ବୋଲି ଶ୍ରୀ ହରିଚନ୍ଦନ ମତ ଦେଇଥିଲେ। ସମ୍ମାନିତ ଅତିଥି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ କହିଥିଲେ ଯେ, ଧାର୍ମିକ ଓ ପର୍ଯ୍ୟଟନ କ୍ଷେତ୍ର ଭାବେ ଆମେ ଅଲଗା ଅଲଗା ସ୍ଥାନରେ ଦେଖନ୍ତି। କିନ୍ତୁ ପୁରୀ ଉଭୟ ଧାର୍ମିକ ଓ ପର୍ଯ୍ୟଟନ ପାଇଁ ଲୋକଙ୍କୁ ଆକର୍ଷିତ କରିଥାଏ। ଅତୀତରେ ହୋଟେଲ ଆସୋସିଏସନ ପକ୍ଷରୁ ଏହି ମହୋତ୍ସବ ଆରମ୍ଭ ହୋଇଥିଲା। ଏହାକୁ ପ୍ରତି ବର୍ଷ କରିବା ଓ ଶ୍ରୀକ୍ଷେତ୍ରର ସମୃଦ୍ଧି ଓ ଉନ୍ନତି ପାଇଁ ସମସ୍ତେ ଉଦ୍ୟମ କରିବାକୁ ସେ ଅନୁରୋଧ କରିଥିଲେ।

ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ପ୍ରବାସୀ ଭାରତୀୟଙ୍କୁ ଏକ ସୁଖଦ ଅନୁଭବ ଦେବା ଆମ ସମସ୍ତଙ୍କ ଦାୟିତ୍ୱ। ପୁରୀ ମାଟି ଧାର୍ମିକ ଓ ପର୍ଯ୍ୟଟନ ଦୃଷ୍ଟିରୁ ସମସ୍ତଙ୍କୁ ଆକୃଷ୍ଟ କରିଛି ବୋଲି କହିଥିଲେ। ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ୧୯ ୯୩ ମସିହାରେ ପୂର୍ବତନ ବାଚସ୍ପତି ସ୍ୱର୍ଗତ ମହେଶ୍ୱର ମହାନ୍ତି ଏହି ବିଚ୍ ଫେଷ୍ଟିଭାଲକୁ ଆରମ୍ଭ କରିଥିଲେ। ଏହା ପୁନଶ୍ଚ ଆରମ୍ଭ ହେବା ଦ୍ୱାରା ଆମ କଳା ସଂସ୍କୃତି ଓ ଐତିହ୍ୟକୁ ପ୍ରୋତ୍ସାହନ ମିଳିପାରିଛି ବୋଲି କହିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍‌ପି ବିନୀତ ଅଗ୍ରୱାଲ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ୨୦ରୁ ଆରମ୍ଭ ହେବ ଧାଡ଼ି ଦର୍ଶନ: ଆଇନ ମନ୍ତ୍ରୀ

### ବଡ଼ଦାଣ୍ଡ ଉଠାଦୋକାନୀଙ୍କ ପାଇଁ ବଜାର ହେବ

ପୁରୀ, ୮।୧(ସମିସ): ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ନେଇ ଚାଲିଛି କସରତ। ପ୍ରାୟ ୬ ମାସରୁ ଅଧିକ ହେବ ଦର୍ଶନ ପାଇଁ ହଇରାଣ ହେଉଛନ୍ତି ଶ୍ରଦ୍ଧାଳୁ। ତେଣୁ ଏହାର ସମାଧାନ ପାଇଁ ଏବେ ଚଲିଛି ପ୍ରସ୍ତୁତି। ବୁଧବାର ପୁରୀ ଆସିଥିବା ବେଳେ ଏହା ଉପରେ ମନ୍ତବ୍ୟ ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ଆସନ୍ତା ୨୦ ତାରିଖରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ଧାଡ଼ି ଦର୍ଶନ ବ୍ୟବସ୍ଥା। ସେ ନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ନାଟମଣ୍ଡପ ଭିତରେ କିପରି ଭକ୍ତମାନେ ଶୃଙ୍ଖଳିତ ଭାବେ ପ୍ରବେଶ କରି ଶ୍ରୀଜୀୟୁଙ୍କୁ ଦର୍ଶନ କରିବେ ସେ ନେଇ ୬ ଥାକିଆ ବ୍ୟାରିକେଡ କରାଯାଇଛି। ଖୁବ୍‌ଶୀଘ୍ର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ। ରତ୍ନଭଣ୍ଡାର ମରାମତି ସରିବା ମାତ୍ରେ ତାହାର ପରବର୍ତ୍ତୀ ସପ୍ତାହଠାରୁ ଗଣତି ମଣତି କରାଯିବା ନେଇ ପ୍ରତିକ୍ରିୟା ରଖିଛନ୍ତି ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ। ସେହିପରି ବଡ଼ଦାଣ୍ଡରେ ଆମରଣ ଅନଶନରେ ବସିଥିବା ଉଠାଦୋକାନୀଙ୍କ ପ୍ରସଙ୍ଗରେ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ, ଦୀଲ୍ଲି ହାର୍ଟ ଷ୍ଟାଇଲରେ ଉଠାଦୋକାନୀମାନଙ୍କ ପାଇଁ ବଜାର ଆରମ୍ଭ ହେବ। ଖୁବ୍‌ଶୀଘ୍ର ଜିଲ୍ଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ପୂର୍ତ୍ତ ବିଭାଗ ମିଶି ଏ କାର୍ଯ୍ୟ କରିବେ। ଉଠାଦୋକାନୀମାନଙ୍କୁ ସାମାନ୍ୟ ଧର୍ଯ୍ୟ ରଖିବାକୁ ଅନୁରୋଧ କରିଥିଲେ ଆଇନମନ୍ତ୍ରୀ ଶ୍ରୀ ହରିଚନ୍ଦନ।

## ୧୨ରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ଆଗମନ ସମାବେଶ

ପୁରୀ, ୮।୧(ସମିସ): ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ପୂଣ୍ୟ ଉତ୍କଳ ଆଗମନର ୧୦୩ତମ ଶୁଭ ମହୋତ୍ସବ ଆସନ୍ତା ୧୨ ତାରିଖରେ ତାଳବଣିଆଠାରେ ଅନୁଷ୍ଠିତ ହେବ। ଏହାକୁ ଭବ୍ୟ ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବାକୁ ସ୍ମୃତି ଉତ୍ସବ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି ପ୍ରତି ଋତିକ ତଥା ଦେଓଘର ସତ୍‌ସଙ୍ଗର ସହ ସମ୍ପାଦକ ଡା. ବିନାୟକ ମହାପାତ୍ର ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବୁଧବାର ପୁରୀ ସତ୍‌ସଙ୍ଗ ଠାକୁର ବାଡ଼ି ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଉତ୍ସବ କମିଟି ଯୁଗ୍ମ ସମ୍ପାଦକ ନିରଞ୍ଜନ ବେହେରା ବିଭିନ୍ନ ସ୍ଥାନରୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ଯେପରି ଉତ୍ସବ ସ୍ଥଳରେ ସୁନ୍ଦର ଓ ଶୃଙ୍ଖଳିତ ଦର୍ଶନ କରିବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ତିନୋଟି ଉତ୍ସବ ମଣ୍ଡପରେ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବ୍ରାହ୍ମମୁହୂର୍ତ୍ତ ବେଦ ମାଙ୍ଗଳିକୀ ଓ ନହବତ, ପ୍ରତ୍ୟୁଷେ ଉଷାକୀର୍ତ୍ତନରୁ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି କହିଥିଲେ। ସକାଳ ୬ଟା୨୨ରୁ ଉଷାବିନତି, ଦର୍ଶନ, ପ୍ରଣାମ ଓ ପରେ ପୂର୍ଣ୍ୟ ଉତ୍ସବର ଶୁଭ ଉଦ୍‌ଘାଟନ କରାଯିବ। ୮ଟା୩୦ରେ ଶ୍ରୀବିଗ୍ରହ ଶୋଭାଯାତ୍ରା, ସଙ୍ଗୀତାଞ୍ଜଳି, ନୃତ୍ୟଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ପୂର୍ବାହ୍ନ ୧୧ଟାରେ ପ୍ରସାଦ ସେବନ, ସକାଳ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ବିବିଧ ଇଷ୍ଟ ପ୍ରସଙ୍ଗ ଆଲୋଚନା, ଅପରାହ୍ନ ସାଢେ ୨ଟାରେ ଚିକିତ୍ସକ ସମ୍ମିଳନୀ, ୩ଟା ୩୦ରେ ମାତୃ ସମ୍ମିଳନୀ, ସନ୍ଧ୍ୟା ୫ଟା ୨୩ରେ ସନ୍ଧ୍ୟା ବିନତି, ପ୍ରଣାମ, ଗ୍ରନ୍ଥ ପାଠ, ୭ଟାରେ ସତ୍‌ସଙ୍ଗ, ସଦାଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଡ. ହୃଷୀକେଶ ସେନାପତି, ଡମ୍ବରୁଧର ଦାସ, ଡ. ନନ୍ଦ କିଶୋର ପ୍ରଧାନ, ଅରୁଣ କୁମାର ସାହୁ ଉପସ୍ଥିତ ଥିଲେ।

## ଦାଦାବଟି ମାଗି ଯୁବକ ଗିରଫ

ପୁରୀ, ୮।୧(ସମିସ): ଦାଦାବଟି ଆଦାୟ ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲା, ଚନ୍ଦନପୁର ଥାନା ଅଧୀନ ଦଣ୍ଡା ଗ୍ରାମର ମୁନା ଓରଫ୍ ବଳଭଦ୍ର ବାରିକ। ଅଭିଯୋଗ ଅନୁଯାୟୀ, ସମୁଦ୍ରକୂଳ ଥାନା ଅଧୀନ ଡିଏଜି କଲୋନୀ ପଛ ପଟେ ଅଭିଯୁକ୍ତ ମାଛ ଦୋକାନୀ, ଚା' ଦୋକାନୀ, କଫି ଦୋକାନୀଙ୍କୁ ଦାଦାବଟି ମାଗୁଥିଲା। ସମୁଦ୍ରକୂଳ ପୁଲିସ ଚଢଉ କରି ଅଭିଯୁକ୍ତକୁ ଗିରଫ କରିଥିଲେ। ତା' ନିକଟରୁ ୩୦୦ ଟଙ୍କା ଏବଂ ଗୋଟେ ଲୁହାଛଡ଼ ଜବତ କରିଛି ପୁଲିସ। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ବୁଧବାରରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ୫୧ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ୩ ଗିରଫ

ପୁରୀ, ୮।୧(ସମିସ): ବେଆଇନ ନିଶାଦ୍ରବ୍ୟ କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଧରପଗଡ଼ ଚାଲିଛି। ବିଭିନ୍ନ ସମୟରେ ବ୍ରାଉନସୁଗର ସମେତ ଅନ୍ୟାନ୍ୟ ନିଶାଦ୍ରବ୍ୟ ଜବତ ହେଉଥିବା ବେଳେ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଉଛି। ଏହାସତ୍ତ୍ୱେ ଏହି ବେଆଇନ ନିଶା କାରବାର ଉପରେ ଲଗାମ ଲାଗିପାରୁନାହିଁ। ମଙ୍ଗଳବାର ବଳିଆପଣ୍ଡା ଥାନା ପୁଲିସ ୫୧ ଗ୍ରାମ୍ ବ୍ରାଉନସୁଗର ଜବତ କରିବା ସହ ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଲିମୋଚିସାହିର ଏକ ବସ୍ତିରେ ରହୁଥିବା ନୟାଗଡ଼ କଣ୍ଟିଲୋ ଅଞ୍ଚଳର ରିଙ୍କନ କୁମାର ସାହୁ, ବଳିଆପଣ୍ଡା ନାଳିଫିଲ୍ଟର କ୍ରିଷ୍ଣା ବାରିକ ଏବଂ ବାଲିମୋଚିସାହି ଏକ ବସ୍ତିର ଲୋକନାଥ ପଟ୍ଟନାୟକ। ଏମାନଙ୍କୁ ବଳିଆପଣ୍ଡା ପୁଲିସ ଗିରଫ କରିବା ପରେ ଏକ ମାମଲା ରୁଜୁ କରି ବୁଧବାର କୋର୍ଟଚାଲାଣ କରିଛି।

## ଅଖିଳ ଭାରତୀୟ ରୂପକ ମହୋତ୍ସବ ଉଦ୍‌ଘାଟିତ



ପୁରୀ, ୮।୧(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଶ୍ରୀସଦାଶିବ ପରିସରରେ ବୁଧବାର ତୃତୀୟ ଅଖିଳ ଭରତୀୟ ରୂପକ ମହୋତ୍ସବ (ପୂର୍ବ କ୍ଷେତ୍ରୀୟ, ଚତୁର୍ଥ ବଳୟ) ମନୋଜ୍ଞ ପରିବେଶ ଭିତରେ ପରିସରର ନିର୍ଦ୍ଦେଶକ ପ୍ରଫେସର ବନମାଳୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ରୂପେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇଥିବା ବେଳେ ବିଶିଷ୍ଟ ଅତିଥି ରୂପେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ମନୋଜ ମିଶ୍ର, ଅଭିନେତ୍ରୀ ମମତା ନନ୍ଦ ଏବଂ ସମ୍ମାନିତ ଅତିଥି ରୂପେ ଓଡ଼ିଆ ଯାତ୍ରା ଜଗତର ବରିଷ୍ଠ ଅଭିନେତା ଦୈତାରୀ ପଣ୍ଡା ଏବଂ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଲେଖକ ପ୍ରଫେସର କେଶବ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ରୂପକ ସଂକ୍ରାନ୍ତରେ ନିଜ ନିଜର ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଶ୍ରୀ ସଦାଶିବ ପରିସରର ଅଧ୍ୟାୟୀମାନଙ୍କ ଦ୍ୱାରା ପରିବେଷିତ ହେବାକୁ ଥିବା ସମସ୍ତ ରୂପକର ସାରାଂଶକୁ ନେଇ ପୂର୍ବରଙ୍ଗ ପରିବେଷଣ କରାଯାଇଥିଲା। ପରେ ପରେ ଶ୍ରୀ ରାମସୁନ୍ଦର ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାନ ବିହାରଙ୍କ ଦ୍ୱାରା ଡ. ଶିରିଷ ନାଥ ଝାଙ୍କ ରଚିତ କୃଷି ଫଳମ୍ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏକଲବ୍ୟ ପରିସର ଅଗରତାଲାଙ୍କ ଦ୍ୱାରା ପ୍ରଫେସର ରାମଜୀ ଉପାଧ୍ୟାୟଙ୍କ ରଚିତ ଶମ୍ଭୁକାଭିସେକମ୍ ରୂପକ ମଞ୍ଚସ୍ଥ ହୋଇଥିଲା।

ସୂଚନାଥାଉ କି, ଏହି ମହୋତ୍ସବ ଶ୍ରୀସଦାଶିବ ପରିସରରେ ତିନିଦିନ ଧରି ଅନୁଷ୍ଠିତ ହେଇ ଆସନ୍ତା ଶୁକ୍ରବାର ଉଦ୍‌ଯାପିତ ହେବ। ଏଥିରେ ରାଜ୍ୟ ବାହାରୁ ସମୁଦାୟ ୬ଟି ନାଟ୍ୟଦଳ ଯୋଗଦାନ କରି ନାଟକ ପରିବେଷଣ କରିବେ। ବୁଧବାର କାର୍ଯ୍ୟକ୍ରମରେ ପରିସରର ଅଧ୍ୟାପକ ଡ. ଚକ୍ରଧର କର ବୈଦିକ ମଙ୍ଗଳା ଚରଣ କରିଥିବାବେଳେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ପରିସରର ପ୍ରଫେସର ଲଳିତ କୁମାର ସାହୁ। ସଂଯୋଜନା କରିଥିଲେ ମହୋତ୍ସବର ସଂଯୋଜକ ପ୍ରଫେସର ସୁଶାନ୍ତ କୁମାର ରାଜ ଏବଂ ଯୁଗ୍ମ ସଂଯୋଜକ ଡ. ବିଶ୍ୱନାଥ ମିଶ୍ର। ମଞ୍ଚ ପରିଚାଳନା କରିଥିଲେ ସହ ସଂଯୋଜକ ଡ. ସୁବ୍ରତ କୁମାର ଷଡ଼ଙ୍ଗୀ, ଡ. ରୁଦ୍ର ପ୍ରସାଦ ମିଶ୍ର ଓ ଡ. ସ୍ୱାଗତିକା ମହାନ୍ତି। ଏଥିରେ ପରିସରର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କାର୍ଯ୍ୟାଳୟ କର୍ମଚାରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦାନ କରିଥିଲେ।

### ଅଦରକାରୀରୁ ଆକର୍ଷଣୀୟ କଳାକୃତି

# ପର୍ଯ୍ୟଟକଙ୍କ ନଜର ଟାଣୁଛି ନୀଳାଦ୍ରି ବିଚ୍





ପୁରୀ, ୮।୧(ସମିସ)

ଦୈନନ୍ଦିନ ଜୀବନରେ ଅନେକ ଜିନିଷ ବ୍ୟବହାର ପରେ ଫିଙ୍ଗି ଦିଆଯାଇଥାଏ। ଏମିତି ବି ଅନେକ ଅଦରକାରୀ ପଦାର୍ଥ ଓ ପ୍ଲାଷ୍ଟିକକୁ ଆମେ ଅଣଦେଖା କରିଥାଉ। କିନ୍ତୁ ଏହି ଅଦରକାରୀ ଜିନିଷ ଏବଂ ପ୍ଲାଷ୍ଟିକରେ ତିଆରି କରାଯାଇପାରିବ ଆକର୍ଷଣୀୟ କଳାକୃତି। ନୀଳାଦ୍ରି ବିଚ୍‌ରେ ଏମିତି ନିଆରା ଏବଂ ନଜର ଟାଣିବା ଭଳି କଳାକୃତି ପର୍ଯ୍ୟଟକଙ୍କ ନଜର ଟାଣୁଛି। ଜିଲ୍ଲା ପ୍ରଶାସନ, ଓଡ଼ିଶା ଟୁରିଜିମ୍ ଓ ଓଡ଼ିଶା ଇକୋଟୁରିଜିମ୍ ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ସ୍ଥାପତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଛି। ପ୍ରବାସୀ ଭାରତୀୟ ସମ୍ମିଳନୀ ଉପଲକ୍ଷେ ପୁରୀରେ ଆୟୋଜିତ ପୁରୀ ବେଳାଭୂମି ମହୋତ୍ସବର ଅଂଶ ବିଶେଷ ହେଉଛି ଆର୍ଟ ଫେଷ୍ଟିଭାଲ। ଓଡ଼ିଶାର ୧୧ ଜଣ ପ୍ରତିଷ୍ଠିତ ଶିଳ୍ପୀ ଅବ୍ୟବହୃତ ଓ ଅଦରକାରୀ ପଦାର୍ଥ ଓ ପ୍ଲାଷ୍ଟିକକୁ ନେଇ ୧୧ଟି କଳାକୃତି କରିଛନ୍ତି।

ପ୍ଲାଷ୍ଟିକର ବହୁଳ ବ୍ୟବହାର ଜୀବଜଗତ ପ୍ରତି ବିପଦ ସୃଷ୍ଟି କରିଛି। ପଲିଥିନ ଓ ଆବର୍ଜନାକୁ ଗାଈଗୋରୁ ଓ ବନ୍ୟ ଜୀବଜନ୍ତୁମାନେ ଖାଇ ମୃତ୍ୟୁବରଣ କରୁଛନ୍ତି। ଏଣେ ତେଣେ ପ୍ଲାଷ୍ଟିକ ଓ ପଲିଥିନ ଗଦା ହୋଇ ରହିଥିବାରୁ ମାରାତ୍ମକ ରୋଗ ସୃଷ୍ଟି ହେଉଛି। ବଡ଼ ପ୍ଲାଷ୍ଟିକ ଖଣ୍ଡ ଉତ୍ତାପ ଓ ବାୟୁ ଦ୍ୱାରା ଛୋଟ ଛୋଟ ହୋଇ ମାଇକ୍ରୋପ୍ଲାଷ୍ଟିକରେ ପରିଣତ ହୋଇ ନାଳ ନର୍ଦ୍ଦମା ଓ ସମୁଦ୍ରରେ ମିଶୁଛି। ଜୁ ପ୍ଲାଙ୍କଟନ ଭଳି ଦେଖାଯାଉଥିବା ଏହାକୁ ଖାଦ୍ୟ ବୋଲି ଭାବି ଜେଲି ଫିସ ଗିଳି ଦିଅନ୍ତି। ଏହି ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁଁ ବିଶ୍ୱ ତାପନ, ଜଳବାୟୁ ପରିବର୍ତ୍ତନ, ଜଳମଣ୍ଡଳ ଓ ମୃତ୍ତିକା ପ୍ରଦୂଷଣ, ଭୂତଳ ଜଳ ପ୍ରଦୂଷଣ, ଶ୍ୱାସ ରୋଗ ଭଳି ସମସ୍ୟା ସୃଷ୍ଟି ହେଉଛି। ତଣୁ ପରିବେଶ ସୁରକ୍ଷା ସହ ଅବ୍ୟବହୃତ ଓ ଅଦରକାରୀ ପଦାର୍ଥ ଓ ପ୍ଲାଷ୍ଟିକକୁ ନେଇ ଏହି ଶିଳ୍ପୀ ଏଭଳି ସୁନ୍ଦର ଓ ଶିକ୍ଷଣୀୟ କଳାକୃତି କରିଛନ୍ତି।

ଅବ୍ୟବହୃତ ଓ ଅଦରକାରୀ ପଦାର୍ଥ, ଲୁହା, ଟିଣ, ଟାୟାର ଓ ପ୍ଲାଷ୍ଟିକକୁ ନେଇ ସମୁଦ୍ର ଭିତର ଗଛ ଓ ଜୀବଜନ୍ତୁ, ସମୁଦ୍ରକୂଳରେ ସୂର୍ଯ୍ୟୋଦୟ କାହାଣୀ, ଜେଲି ଫିସ, ରାକ୍ଷସ ମୁହଁ ଥିବା ଗେଟ୍, ପ୍ରକୃତି ହିଁ ଭଗବାନ, ଛାଇ ଓ ଆଲୋକର ଖେଳ, ପିତ୍ତଳ ମାଛ ପରି ଆରୱାନା ମାଛ ନିଜ ପରିବାର ସହ ଗୋଟିଏ ଦିଗକୁ ଯିବା, ଟାୟାର ବ୍ୟବହାର କରି ନୀଳ କଙ୍କଡା, ପ୍ରକୃତିର ପରିବର୍ତ୍ତନ ଓ କମ୍ପ୍ୟୁଟରର କଣ୍ଟ୍ରୋଲ ଜେଡ୍ କି ଭଳି ରଙ୍ଗୀନ ଓ ଅବ୍ୟବହୃତ କଣ୍ଟେଇକୁ ନେଇ ପୁଣି ଶୈଶବ ଓ ପୁରୁଣାକୁ ଫେରିଯିବାର ଏଭଳି ଅଭିନବ ଓ ସ୍ୱତନ୍ତ୍ର କଳାକୃତିଗୁଡ଼ିକ କିଭଳି ବର୍ଷତମାମ ନିଳାଦ୍ରୀ ବିଚ୍‌ରେ ରହିପାରିବ ସେ ନେଇ ଉଦ୍ୟମ କରାଯିବ ବୋଲି ଓଡ଼ିଶା ଇକୋ ଟୁରିଜିମ୍ ଫାଉଣ୍ଡେସନର ଅଧ୍ୟକ୍ଷ ଯୁଗବ୍ରତ କର କହିଛନ୍ତି। ଏହା ଦ୍ୱାରା ପୁରୀ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଏହି କଳାକୃତିକୁ ଦେଖିପାରିବା ସହ ଏଠାରେ ହେବାକୁ ଥିବା କଳାକାର ହାଟରୁ କଳାକୃତି ସାମଗ୍ରୀ କିଣିପାରିବେ।

### କଙ୍ଗାରୁକୋର୍ଟରେ ମହିଳାଙ୍କୁ ନିର୍ଯାତନା

# ଗାଁ ଛାଡ଼ିବାକୁ ନିଷ୍ପତ୍ତି ନେଲେ ପରିବାର

**ଖଣ୍ଡପଡ଼ା,୮।୧(ସମିସ)**



ଫତେଗଡ଼ ଥାନା ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ମହୁଲପଡ଼ା ଗ୍ରାମରେ ଜାଗାବାଡ଼ିକୁ କେନ୍ଦ୍ର କରି କଙ୍ଗାରୁକୋର୍ଟ ଭଳି ସାଙ୍ଘାତିକ ଅଭିଯୋଗ ଆସିଛି। ଗ୍ରାମର ମଞ୍ଜୁବାଳା ପ୍ରଧାନଙ୍କ ପରିବାରକୁ ଗ୍ରାମରୁ ବାସନ୍ଦ କରିବା ସହ ଜରିମାନା ବାବଦରେ ୧୦ ହଜାର ଟଙ୍କା ଦେବା ପାଇଁ କିଛି ବ୍ୟକ୍ତି ଧମକ ଦେଇଛନ୍ତି। ମଞ୍ଜୁଲତା ନିଜ ପରିବାର ସହ ବାପା ଘର ମହୁଲପଡ଼ା ଗ୍ରାମରେ ରହି ଆସୁଛନ୍ତି। ବସୁନ୍ଧରା ଯୋଜନାରେ ରାଜ୍ୟ ସରକାର ଯୋଗାଇ ଦେଇଥିବା ୪ ଡିସିମିଲ ଜାଗାରେ ମଞ୍ଜୁଲତା ଏକ ନୂତନ ବାସଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ବାସଗୃହ ସମ୍ମୁଖ ସରକାରୀ ଜାଗାରେ ସେ କିଛି ଗଛ ଲଗାଇଥିଲେ। ଗ୍ରାମବାସୀ ପ୍ରଥମେ ସରକାରୀ ଜାଗାରେ ଲଗା ଯାଇଥିବା ଗଛଗୁଡ଼ିକୁ କାଟିବାରୁ ମଞ୍ଜୁଲତାଙ୍କ ପରିବାର ସେମାନଙ୍କୁ ବିରୋଧ କରିଥିଲେ। ଏହାକୁ ନେଇ ମଞ୍ଜୁଲତାଙ୍କ ପରିବାରଙ୍କୁ ଗାଳିଗୁଲଜ କରି ପାଇଖାନା ଘର ଭାଙ୍ଗି ଦେଇଥିବା ଏବଂ କଙ୍ଗାରୁକୋର୍ଟ ବସାଇ ମଞ୍ଜୁଙ୍କ ପରିବାର ବର୍ଗଙ୍କୁ ଜରିମାନା ଦେବା ପାଇଁ ଦାବି କରିଥିଲେ। ସେମାନଙ୍କ କଥାରେ ମଞ୍ଜୁଙ୍କ ପରିବାର ରାଜି ନହେବାରୁ ତାଙ୍କ ପରିବାରକୁ ଏବେ ବାସନ୍ଦ କରାଯାଇଛି । ନିର୍ଯାତନାର ଶିକାର ହୋଇ ମଞ୍ଜୁଙ୍କ ପରିବାର ନ୍ୟାୟ ପାଇଁ ପ୍ରଥମେ କାଦୁଆ ଫାଣ୍ଡି ଓ ପରେ ଫତେଗଡ଼ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୁଲିସ ଅଭିଯୋଗ ପ୍ରତି ଗୁରୁତ୍ୱ ଦେଉନଥିବା ସେ ଗଣମାଧ୍ୟମ ଆଗରେ କହିଛନ୍ତି। ଆହୁରି ମଧ୍ୟ ଗ୍ରାମର କେହି ବ୍ୟକ୍ତି ମଞ୍ଜୁଙ୍କ ପରିବାର ସହ କଥା ସମ୍ପୃକ୍ତ ବ୍ୟକ୍ତି ଗ୍ରାମକୁ ଜରିମାନା ବାବଦରେ ୫ ହଜାର ଟଙ୍କା ଦେବା ପାଇଁ କଙ୍ଗାରୁ କୋର୍ଟରେ ନିଷ୍ପତ୍ତି ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ସ୍ଥାନୀୟ ପୁଲିସଙ୍କଠାରୁ ନ୍ୟାୟ ନପାଇ ପରିବାର ଲୋକ ନୟାଗଡ଼ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଥିବା ଜଣାଇଛନ୍ତି।

# ପାଚେରି ଉଠିଲା ମଝି ଦାଣ୍ଡରେ



**● ତୋଟାସାହିରେ ୮ ପରିବାର ଗୃହବନ୍ଦୀ**
**● ଓଡ଼ଗାଁ ତହସିଲଦାରଙ୍କୁ ଅଭିଯୋଗ**

**ଓଡ଼ଗାଁ,୮।୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୁରାଳ ତୋଟାସାହି ଗାଁ ଦାଣ୍ଡ ମଝିରେ ପ୍ରାଚୀର ନିର୍ମାଣ ଯୋଗୁଁ ୮ ପରିବାର ୪ରୁ ୫ ଦିନ ହେବ ଗୃହବନ୍ଦୀରେ ପଡ଼ି ରହିଛନ୍ତି । ଗୃହବନ୍ଦୀ ପରିବାର ଘରକୁ ଯିବା ଆସିବା ପାଇଁ ରାସ୍ତା ଯୋଗାଇଦେବା ନିମନ୍ତେ ୮ ପରିବାର ସହିତ ସାହିଲୋକ ମିଳିତ ଭାବେ ଆସି ଓଡ଼ଗାଁ ତହସିଲ କାର୍ଯ୍ୟାଳୟରେ ବୁଧବାର ଅଭିଯୋଗ କରିଛନ୍ତି। ଏପରିକି ୪ ଦିନ ହେଲା ମହିଳାମାନେ ଦୈନିକ ସ୍ନାନଶୌଚ କରିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ପାନୀୟ ଜଳ ସହିତ ଅନ୍ୟାନ୍ୟ ଜଳ ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ଏହି ୮ ପରିବାର ଦୀର୍ଘ ୪୦ ବର୍ଷ ଧରି ଉକ୍ତ ସ୍ଥାନରେ ଘର କରି ସ୍ଥାୟୀ ବାସିନ୍ଦା ଭାବେ ରହିଥିଲେ। ଉକ୍ତ ସ୍ଥାନର ପ୍ଲଟ ନମ୍ବର ୪୪୬ରେ ୩ ଡେସିମିଲି ରାସ୍ତା ରେକର୍ଡ ରହିଥିବା ବେଳେ ୪୮୭ ପ୍ଲଟ ନମ୍ବର ୧ ଡେସିମିଲି ଜାଗାରେ ଥିବା ୭୦ ବର୍ଷର କୂଅରୁ ସର୍ବସାଧାରଣ ପାନୀୟଜଳ ବ୍ୟବହାର ପାଇଁ ରହିଛି । ଏହି ରାସ୍ତାଦେଇ ବିଦ୍ୟୁତ୍ ତାର ଯାଇଥିବା ବେଳେ ପାନୀୟ ଜଳ ଯୋଗାଣ ପାଇଁ ଷ୍ଟାଣ୍ଡ ନିର୍ମାଣ ହୋଇଥିଲା। ସେହି ଗ୍ରାମର ଦିଲ୍ଲୀପ କୁମାର ପାଢ଼ୀ ଏସବୁ ଜାଗା ତାଙ୍କ ରେକର୍ଡରେ ଥିବା ଦର୍ଶାଇ ସେହି ସ୍ଥାନରେ ପଥର ପ୍ରାଚୀର ନିର୍ମାଣ କରିବା ପରେ ପାନୀୟଜଳ ଷ୍ଟାଣ୍ଡ ପୋଷ୍ଟ, ପଥର ବନ୍ଧେଇ ଖୋଲା କୂଅ, ବିଦ୍ୟୁତ୍ ଖୁଣ୍ଟ ବିଶେଷକରି ଗମନାଗମନ ପାଇଁ ଥିବା ରାସ୍ତା ପାଚେରି ମଧ୍ୟରେ ଆବଦ୍ଧ ହୋଇଯାଇଛି । ତେଣୁ ଦିଲ୍ଲୀପ ପାଢ଼ୀଙ୍କ ନିଷ୍ପତ୍ତି ବିରୁଦ୍ଧରେ ପୀଡ଼ିତ ପରିବାର ସହିତ ସାହିର ମହିଳାମାନେ ଓଡ଼ଗାଁ ତହସିଲଦାର କାର୍ଯ୍ୟାଳୟରେ ଅଭିଯୋଗ ପ୍ରଦାନ କରିଛନ୍ତି। ଏହାର ନକଲ ନୟାଗଡ଼ ଜିଲ୍ଲାପାଳଙ୍କ ନିମନ୍ତେ ପ୍ରେରଣ କରିବା ସହିତ କୁରାଳ ରାଜସ୍ୱ ନିରୀକ୍ଷକ ଏବଂ ସରପଞ୍ଚଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଇଛି।

### ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ

# ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକଙ୍କ ଛାନ୍‌ଭିନ୍

**ନୟାଗଡ଼,୮।୧(ସମିସ):** ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ପଟ୍ଟନାୟକଙ୍କୁ ଓଡ଼ିଆ ଅଧ୍ୟାପକ ବାନାମ୍ବର ପୃଷ୍ଟି ମାଡ଼ ମାରିବା ଘଟଣା ଦିନକୁ ଦିନ ଉଷ୍ମ ହେଉଛି। ଥାନାରୁ ଓଡ଼ିଆ ଅଧ୍ୟାପକଙ୍କୁ ଡକରା ପରେ ସେ ହାଜର ହେଉନଥିବା ବେଳେ ଓଡ଼ିଆ ଅଧ୍ୟାପକ କରିଥିବା ଭୁଲକୁ ନେଇ ବଡ଼ କାର୍ଯ୍ୟାନୁଷ୍ଠାନ ଆଶା ରଖିଛନ୍ତି ମହାବିଦ୍ୟାଳୟ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷା କର୍ମଚାରୀ । ମହାବିଦ୍ୟାଳୟ ଷ୍ଟାଫ କାଉନସିଲ ଆଲୋଚନା ପରେ ଅଧ୍ୟକ୍ଷ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯାହାକୁ ନେଇ ଗତ ମଙ୍ଗଳବାର ମହାବିଦ୍ୟାଳୟକୁ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ପରିଭ୍ରମଣରେ ଆସିଥିଲେ। ମହାବିଦ୍ୟାଳୟରେ ଶୃଙ୍ଖଳା କମିଟି ସହ ପ୍ରଥମେ ଆଞ୍ଚଳିକ ନିର୍ଦ୍ଦେଶକ ସହକାରୀ ଆଲୋଚନା କରିଥିଲେ । ଏହା ସହିତ ଓଡ଼ିଆ ଅଧ୍ୟାପକ ଶ୍ରୀଯୁକ୍ତ ପୃଷ୍ଟିଙ୍କ ବିରୁଦ୍ଧରେ ରହିଥିବା ଅନ୍ୟାନ ଅଭିଯୋଗ ସମ୍ପର୍କରେ ଶୁଣିଥିଲେ । ତା ସହିତ ଷ୍ଟାଫ କମନରୁମକୁ ଯାଇ ସହକାରୀ ଆଞ୍ଚଳିକ ନିର୍ଦ୍ଦେଶକ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ମତାମତ ଆହ୍ୱାନ କରିଥିଲେ । ଅନେକ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣଶିକ୍ଷା କର୍ମଚାରୀ ନିଜର ମତାମତ ଲିଖିତ ଭାବେ ଜଣାଇବା ପରେ ଆଜି ଅଧ୍ୟକ୍ଷଙ୍କ ସମେତ କିଛି ବରିଷ୍ଠ ଅଧ୍ୟାପକ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ଅଫିସକୁ ଯାଇ ଆଲୋଚନା କରି ଫେରିଥିବା ସୂଚନା ମିଳିଛି । ଏହି ଘଟଣାରୁ ଓଡ଼ିଆ ଅଧ୍ୟାପକଙ୍କ ବିରୁଦ୍ଧରେ ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ସମ୍ଭାବନା ଦେଖାଦେଇଛି। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏହି ଘଟଣା ଘଟିବା ପରଠାରୁ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ନିଜ ଆସନରେ ବସୁନଥିବା ସୂଚନା ମିଳିଛି। ସେ ଅନ୍ୟ ସ୍ଥାନରେ ବସି ସମସ୍ତ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

**ଅଧ୍ୟାପକଙ୍କ ବିରୋଧରେ ହୋଇପାରେ କାର୍ଯ୍ୟାନୁଷ୍ଠାନ**

### ଦୂର ହେବ ବିଦ୍ୟୁତ୍ ସମସ୍ୟା

# ଖଣ୍ତ୍ରପଡ଼ା ଗ୍ରୀଡ୍ ପାଇଁ ମଞ୍ଜୁର ହେଲା ୫୦ କୋଟି

**ଭାପୁର,୮।୧(ସମିସ):** ନୟାଗଡ଼ ଜିଲ୍ଲା ଖଣ୍ତ୍ରପଡା, ଭାପୁର ଓ କଣ୍ଟିଲୋ ଅଞ୍ଚଳକୁ ଅବିରତ ଭାବେ ବିଦ୍ୟୁତ ଯୋଗାଣ ନିମନ୍ତେ ଖଣ୍ତ୍ରପଡାଠାରେ ଏକ ବିଦ୍ୟୁତ ଗ୍ରୀଡ ପ୍ରତିଷ୍ଠା ହେବ। ଏଥିପାଇଁ ୫୦ କୋଟି ଟଙ୍କା ମଞ୍ଜୁର ହୋଇଥିବା ଜଣାପଡିଛି। ଚାରି ବର୍ଷ ପୂର୍ବେ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ରାଜସ୍ୱ ବିଭାଗ ଜମି ଯୋଗାଇ ନପାରିବାରୁ ଅର୍ଥ ଫେରି ଯାଇଥିଲା। ବର୍ତ୍ତମାନ ପୁନର୍ବାର ଅର୍ଥ ମଞ୍ଜୁର ହୋଇଛି। ଖଣ୍ତ୍ରପଡା ତହସିଲଦାର ଏଥି ନିମନ୍ତେ ଏକ ଉପଯୁକ୍ତ ସ୍ଥାନ ଅନ୍ୱେଷଣ କରି ଜମି ଯୋଗାଇ ଦେଲେ ଖୁବଶୀଘ୍ର କାମ ଆରମ୍ଭ ହେବ। ଏହି କାର୍ଯ୍ୟ ଓଡିଶା ପାୱାର ଟ୍ରାନସମିଶନ କର୍ପୋରେସନ ଲିମିଟେଡ଼ ନିର୍ମାଣ କରି ବିଦ୍ୟୁତ ଯୋଗାଣ ନିମନ୍ତେ ଟାଟା ପାୱାରକୁ ହସ୍ତାନ୍ତର କରିବ। ଏହା ଫଳରେ ବର୍ତ୍ତମାନ ଖଣ୍ତ୍ରପଡା, ଭାପୁର, କଣ୍ଟିଲୋ ଅଞ୍ଚଳରେ ଥିବା ୪୫ ହଜାର ବିଦ୍ୟୁତ ଉପଭୋକ୍ତାଙ୍କ ସହ ଗଣିଆ, ନୟାଗଡ଼ ଓ ବାଲୁଗାଁ ଅଞ୍ଚଳର ୪୫ ହଜାର ଉପଭୋକ୍ତାଙ୍କୁ ମିଶାଇ ମୋଟ ୯୦ ହଜାର ଉପଭୋକ୍ତା ଉପକୃତ ହୋଇପାରିବେ ବୋଲି ଖଣ୍ତ୍ରପଡା ବିଭାଗୀୟ ଏସଡିଓ ଅନୀଲ କୁମାର ସାହୁ କହିଛନ୍ତି। ବର୍ତ୍ତମାନ ଏହି ବିଦ୍ୟୁତ ଉପଭୋକ୍ତାମାନେ ନୟାଗଡ଼ ରାଜପାଟଣା ଗ୍ରୀଡ ଉପରେ ନିର୍ଭର କରୁଛନ୍ତି। ଫଳରେ ରାଜପାଟଣା ଗ୍ରୀଡ ଉପରେ ଅତ୍ୟଧିକ ଚାପ ପଡୁଛି। ଯାହାଦ୍ୱାରା ଅନେକ ସମୟରେ ବିଦ୍ୟୁତ ଯୋଗାଣରେ ବିଭ୍ରାଟ ହେଉଛି। ଏହି ଗ୍ରୀଡ ପାଇଁ ବହୁ ବର୍ଷ ହେଲା ସ୍ଥାନୀୟ ଜନସାଧାରଣ ଦାବି କରି ଆସୁଥିଲେ ହେଁ ସେମାନଙ୍କ ଦାବି ପୂରଣ ହୋଇ ପାରୁନଥିଲା। ଖଣ୍ତ୍ରପଡା ତହସିଲଦାର ବାହାଡା ଗ୍ରାମ ନିକଟ ଡୁବୁରୀ ପାହାଡ ନିକଟରେ ଜମି ଚିହ୍ନଟ କରିଥିବା ବିଶ୍ୱସ୍ଥ ସୂତ୍ରରୁ ଜଣାପଡିଛି। ବାହାଡାଠାରେ ଗ୍ରୀଡ ହେଲେ ଭାପୁର ବ୍ଲକ ଧଳାବନ୍ଧ ଓ ଫତେଗଡ ଷ୍ଟେସନ ସହ ଖଣ୍ତ୍ରପଡା ଉମାଦେବୀଙ୍କ ନିକଟ ଓ କଣ୍ଟିଲୋ ଟାଙ୍ଗୁପଡାଠାରେ ଥିବା ଷ୍ଟେସନ ଉପରେ କମ ଚାପ ରହିବ ବୋଲି କୁହାଯାଉଛି ଓ ଉପଭୋକ୍ତା ମାନେ ଉନ୍ନତ ଓ ଅବିରତ ବିଦ୍ୟୁତ ସେବା ପାଇବେ ବୋଲି ବିଭାଗୀୟ ଅଧିକାରୀ ମାନେ କହିଛନ୍ତି।

## ବିଲୁଆ ଆକ୍ରମଣରେ ବୃଦ୍ଧ ଗୁରୁତର

**ଭାପୁର,୮।୧(ସମିସ):** ଜଣେ ବୃଦ୍ଧ ବିଲକୁ ଯାଇଥିବା ବେଳେ ଗୋଟିଏ ବିଲୁଆ ତାଙ୍କୁ ଗୋଡେଇ ଗୋଡେଇ କାମୁଡିବାରୁ ସେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏପରି ଘଟଣା ଘଟିଛି ନୟାଗଡ଼ ଜିଲ୍ଲା ଫତେଗଡ ଥାନା ବନମାଳୀପୁର ଗ୍ରାମରେ। ଆହତ ବ୍ୟକ୍ତି ଜଣଙ୍କ ହେଲେ, ୭୦ ବର୍ଷୀୟ ଯୋଗୀନାଥ ବେହେରା। ସେ ବୁଧବାର ମଧ୍ୟାହ୍ନରେ ବିଲକୁ ଯାଇଥିବା ସମୟରେ ଏକ ବିଲୁଆ ତାଙ୍କୁ ଗୋଡେଇ ଗୋଡେଇ କାମୁଡିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଭାପୁର ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ବିଲୁଆଟି ଗହୀରରେ ଥିବା ଅନ୍ୟ ଲୋକଙ୍କୁ ମଧ୍ୟ କାମୁଡିବା ପାଇଁ ଗୋଡାଇଥିଲା। ଏହି ବିଲୁଆଟିକୁ ଲୋକମାନେ ବାଡେଇ ମାରିଦେଇଥିବା ଖବର ମିଳିଛି।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ଭାପୁର,୮।୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଗୋଳାପୋଖରୀ ଗ୍ରାମର ପଦାରି ମଲ୍ଲିକଙ୍କ ଚାରିପୁଅଙ୍କ ମଧ୍ୟରୁ ସାନ ପୁଅ ମଳୟ କୁମାର ମଲ୍ଲିକ ଭୁବନେଶ୍ୱରରେ ରହି ରାଜମିସ୍ତ୍ରୀ କାମ କରନ୍ତି। ସେ କିଛି ଦିନ ହେଲା ଏକ ନୂଆ ମୋଟର ସାଇକେଲ କିଣିଥିଲେ। ଭାଇ ମାନଙ୍କ ବାରଣ ସତ୍ତ୍ୱେ ଭୁବନେଶ୍ୱରରୁ ମଙ୍ଗଳବାର ରାତି ୯ଟା ସମୟରେ ଗାଁକୁ ଆସୁଥିଲେ। ଦ୍ରୁତ ଗତିରେ ଆସୁଥିବା ସମୟରେ ଭାପୁର କଳାପଥର ବାଇପାସ ମରିଚିଆ ଗେଟ ନିକଟରେ ଥିବା ହମ୍ପସରେ ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ଗଛରେ ପିଟି ହୋଇ ବିଲରେ ପଡିଥିଲେ। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମଳୟଙ୍କୁ ଭାପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ବୁଧବାର ଖଣ୍ତ୍ରପଡା ଠାରେ ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରିଛି।

## ଦେଶୀମଦ ଜବତ, ୨ ଗିରଫ

**ଭାପୁର,୮।୧(ସମିସ):** ଖଣ୍ତ୍ରପଡା ଅବକାରୀ ବିଭାଗ ଫତେଗଡ ଥାନାର ଦୁଇଟି ସ୍ଥାନରେ ଚଢ଼ଉ କରି ୩୩ ଲିଟର ଦେଶୀମଦ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅବକାରୀ ବିଭାଗ ଅଧିକାରୀ ଦୀପକ କୁମାର ଜେନାଙ୍କ ନେତୃତ୍ୱରେ ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ଦେହୁରୀ ଓ ମିତାରାଣୀ ନାୟକ ବୁଧବାର ଦିନ ଫତେଗଡ ଥାନା ବେଗୁନିଆ ଗ୍ରାମର ସୁକାନ୍ତ ସାଥୁଆଙ୍କ ଘରେ ଚଢ଼ାଉ କରି ୨୨ ଲିଟର ଦେଶୀମଦ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ସେହିପରି ଚକ୍ରଧରପ୍ରସାଦ ଗ୍ରାମରେ କେଶବ ନାୟକଙ୍କ ଘରେ ଚଢ଼ାଉ କରି ୧୧ ଲିଟର ଦେଶୀମଦ ଜବତ କରି କେଶବଙ୍କୁ ଗିରଫ କରିଥିଲେ। ଦୁଇ ମାମଲାରେ ଦୁଇ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

### ଉତ୍କଳଘଣ୍ଟ ଯଦୁମଣି ମହାପାତ୍ରଙ୍କ ଜୟନ୍ତୀ

# ଯଦୁମଣିଙ୍କ ପାଇଁ ଉତ୍ସବମୁଖର ଇଟାମାଟି



**ନୟାଗଡ଼,୮।୧(ସମିସ):** ଆଜି ଉତ୍କଳଘଣ୍ଟ ଯଦୁମଣି ମହାପାତ୍ରଙ୍କ ଜୟନ୍ତୀ ପାଇଁ ଉତ୍ସବମୁଖର ହୋଇ ଉଠିଛି ଇଟାମାଟି। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଇଛି କବିଙ୍କ ଜୟନ୍ତୀ ଉତ୍ସବ। ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଯଦୁମଣି କ୍ଲବର ମିଳିତ ଆନୁକୂଲ୍ୟରେ କବି ଯଦୁମଣି ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତା ସହିତ କବି ସମ୍ମିଳନୀ କରାଯାଇଥିଲା। ସନ୍ଧ୍ୟାରେ ସ୍ମୃତି ସଭା ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର, ମୁଖ୍ୟବକ୍ତା ଶ୍ରୀଯୁକ୍ତ ସତ୍ୟାନାସ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଓ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ଏହି ସଭାରେ ପୌରୋହିତ୍ୟ କରିଥିଲେ ଯଦୁମଣି କ୍ଲବର ସଭାପତି ଅଶୋକ କୁମାର ନାୟକ। କବି ଯଦୁମଣି ମହାପାତ୍ରଙ୍କ ଦାୟାଦ ଭାବରେ ରୋହନ ମହାପାତ୍ର ମଞ୍ଚରେ ରହିଥିଲେ। କବି ଯଦୁମଣିଙ୍କ ଇଟାମାଟି ପ୍ରଧାନ ସାହିସ୍ଥିତ ବାସଭବନଠାରେ ମଧ୍ୟ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଇଟାମାଟିର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ ଏବଂ କବିଙ୍କର ସ୍ମୃତିଚାରଣ କରିଥିଲେ। ସେହିଭଳି ଭାବେ ନୟାଗଡ ପୂଜ୍ୟପୂଜା କମିଟି ଆନୁକୂଲ୍ୟରେ ଉତ୍କଳ ଘଣ୍ଟ ଯଦୁମଣିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସ୍ଥାନୀୟ ଗୋଦାବରୀ କଲ୍ୟାଣ ମଣ୍ଡପ ଠାରେ ସମାଜସେବୀ ଗୋଦାବରୀ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ମହାନ ସାରସ୍ୱତ ସାଧକଙ୍କ ଜୟନ୍ତୀ ପରିପ୍ରେକ୍ଷୀରେ ଯଦୁମଣିଙ୍କ ତୈଳଚିତ୍ରରେ ପୂଜ୍ୟପୂଜା କମିଟି ସଭାପତି ଶିକ୍ଷାବିତ ପ୍ରସନ୍ନ କୁମାର ବସନ୍ତିଆ, ସଂପାଦକ ଶରତଚନ୍ଦ୍ର ଆଚାର୍ଯ୍ୟ, ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ଧୀରେନ୍ଦ୍ର କୁମାର ପଟ୍ଟନାୟକ, ଶ୍ରୀକାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ହାସ୍ୟକବିଙ୍କ ରଚନା ସମ୍ପର୍କରେ ବ୍ୟାପକ ଆଲୋଚନା କରିବା ସହ ଆଗାମୀ ଦିନରେ ଯଦୁମଣିଙ୍କ ଜୟନ୍ତୀକୁ ସଦର ମହକୁମାରେ ବ୍ୟାପକତା ସହ ପାଳନ କରିବା ନେଇ ପୂଜ୍ୟପୂଜା କମିଟି ପକ୍ଷରୁ ସ୍ଥିରୀକୃତ ହୋଇଛି।

### ରଣପୁର ମହୋତ୍ସବ ଚତୁର୍ଥ ସନ୍ଧ୍ୟା

# ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ



**ରଣପୁର,୮।୧(ସମିସ):** ରଣପୁର ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ରବିନାରାୟଣ ମହାପାତ୍ର, ସମ୍ମାନିତ ଅତିଥି ଭାବେ ତହସିଲଦାର ଆର୍ଯ୍ୟ କୁମାର ସର୍ବବର୍ଦ୍ଧମାନ ଓ ରଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରା ଯୋଗ ଦେଇଥିଲେ। ମହୋତ୍ସବ କମିଟି ସମ୍ପାଦକ ସ୍ୱରାଜ ମହାନ୍ତି ସଭା ପରିଚାଳନା କରିଲେ। ପ୍ରଶାନ୍ତ କୁମାର ମିଶ୍ର ବିବରଣୀ ପାଠ କରିଥିଲେ। ଏହି ଅବସରରେ ଚଳଚ୍ଚିତ୍ର ଅଭିନେତ୍ରୀ ଅନୁ ଚୌଧୁରୀଙ୍କ ନୃତ୍ୟଗୀତରେ ଦର୍ଶକ ବିଭୋର ହୋଇଛନ୍ତି। ଏତଦ ବ୍ୟତୀତ ଢେମସାନୃତ୍ୟ, ଘୋଡ଼ା ନାଚ, ମହାରାଷ୍ଟ୍ରର ଲାଉଣୀ, ୱେଷ୍ଟ ବେଙ୍ଗଲର ଝୁମୁରା, ନେପାଳୀ ନୃତ୍ୟ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

## ଜିଲ୍ଲାସ୍ତରୀୟ ଡାକ ଟିକଟ୍ ପ୍ରଦର୍ଶନୀ



**ନୟାଗଡ଼,୮।୧(ସମିସ):** ଭାରତୀୟ ଡାକ ବିଭାଗ ନୟାଗଡ଼ ଡ଼ାକ ମଣ୍ଡଳ ପକ୍ଷରୁ ଦୁଇ ଦିନିଆ ପ୍ରଥମ ଜିଲ୍ଲାସ୍ତରୀୟ ଡାକ ଟିକେଟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଓଡ଼ିଶା ପରିମଣ୍ଡଳ ମୁଖ୍ୟାଳୟ ନିର୍ଦ୍ଦେଶକ ଅମିତ୍ କୁମାର ଝା, ସମ୍ମାନିତ ଅତିଥି ଭାବେ ଫିଲାଟେଲଇଷ୍ଟ ଅନିଲ କୁମାର ଧିର, ଫିଲାଟେଲିଇଷ୍ଟ ଅଜୟ କୁମାର ବାରିକ, ନୟାଗଡ ଡାକ ମଣ୍ଡଳ ଅଧୀକ୍ଷକ ଖଗେଶ୍ୱର ମଲ୍ଲିକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପ୍ରଦର୍ଶନୀ ୧୦୦ରୁ ଊର୍ଦ୍ଧ୍ୱ ଫ୍ରେମରେ ଉଭୟ ଭାରତୀୟ ଏବଂ ବିଦେଶୀ ଡାକ ଟିକେଟ, ବିରଳ ଡାକ ଟିକେଟ, ଡାକ ଉପକରଣ, ଜିଲ୍ଲା ଓ ରାଜ୍ୟ ସଂଗ୍ରାହକଙ୍କ ଦ୍ୱାରା ସଂଗୃହୀତ ଡାକ ଟିକେଟ ଇତ୍ୟାଦି ପ୍ରଦର୍ଶନ କରାଯାଇଛି । ସ୍ଥାନୀୟ ଶିକ୍ଷାନୁଷ୍ଠାନଗୁଡ଼ିକର ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଏହି ପ୍ରଦର୍ଶନୀକୁ ପରିଦର୍ଶନ କରିବା ସହ ଅନେକ କିଛି ଉପାଦେୟ ବିଷୟ ଜାଣିଥିବା ମତବ୍ୟକ୍ତ କରିଛନ୍ତି । ନୟାଗଡ଼ ଡାକ ମଣ୍ଡଳର ଡାକ ଅଧୀକ୍ଷକ ଖଗେଶ୍ୱର ମଲ୍ଲିକ ଗଣମାଧ୍ୟମକୁ ଏହି ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ବିଷୟରେ ସୂଚନା ଦେଇ କହିଛନ୍ତି ଡାକ ଟିକେଟ ସଂଗ୍ରହ ଦ୍ୱାରା ଜ୍ଞାନର ବିକାଶ ତଥା ଯୋଗଯୋଗର ବିସ୍ତାର ହୋଇ ପାରୁଛି, ତେଣୁ ପ୍ରଥମ ଥର ପାଇଁ ନୟାଗଡ଼ରେ ଅନୁଷ୍ଠିତ ଏହି ଡ଼ାକ ଟିକେଟ ପ୍ରଦର୍ଶନୀ ଦେଖିବାକୁ ବହୁ ଜନସମାଗମ ହେଉଛି। ଅନ୍ୟମାନଙ୍କ ମଧ୍ୟରେ ଡାକ ମଣ୍ଡଳର ସହ ଅଧୀକ୍ଷକ ସପନ କୁମାର ପାଣିଗ୍ରାହୀ, ନୟାଗଡ଼ ଡାକଘରର ପୋଷ୍ଟ ମାଷ୍ଟର ପ୍ରମୋଦ କୁମାର ସେଠୀ ଏବଂ ଡାକ ଟିକେଟ ସଂଗ୍ରାହକ ଅଜିତ କୁମାର ରାଉତ ପ୍ରମୁଖ ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ ।

### ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ସେମିରେ କୋଲକାତା ଦ୍ୱାରିକା ମିଳନ କ୍ଲବ



**ଦଶପଲ୍ଲା,୮।୧(ସମିସ):** ସ୍ଥାନୀୟ ଗାନ୍ଧୀ ମଇଦାନରେ ଅଗ୍ରଣୀ ସୋର୍ଟିଭ ସ୍ପୋର୍ଟସ ସୋସାଇଟି ଆନୁକୂଲ୍ୟରେ ସର୍ବଭାରତୀୟ ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ରୌପ୍ୟ ଜୟନ୍ତୀ କ୍ରୀଡା ମହୋତ୍ସବ ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଏକକାଳୀନ ଫୁଟବଲ୍, ଭଲିବଲ୍, କ୍ରିକେଟ, ବ୍ୟାଡମିଣ୍ଟନ, ଚେସ, ତାସ ଭଳି ଖେଳ ଆୟୋଜନକୁ ଏକ ମିନି ଅଲିମ୍ପିକ ଆଖ୍ୟା ଦେବା ସହିତ ଆୟୋଜକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବରେ ସ୍ଥାନୀୟ ବିଧାୟକ ରମେଶ ବେହେରା, ଥାନା ଭାରପ୍ରାପ୍ତ ନିରୀକ୍ଷକ ଅନିତା ସାହୁ, ପ୍ରଦୀପ ସାହୁ, କ୍ଲବ୍ ସଭାପତି କୁଞ୍ଜ ବିହାରୀ ମିଶ୍ର ଓ ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର, କ୍ରୀଡାବିତ୍ ତ୍ରିନାଥ ସାହୁ ମଞ୍ଚାସୀନ ଅତିଥି ଭାବରେ ଉଦଘାଟନ ଉତ୍ସବକୁ ଗରିମାମୟ କରିଥିଲେ। ଉଦଘାଟନ ମ୍ୟାଚରେ ପପୁଲାର ଫୁଟବଲ୍ କ୍ଲବ ଢେଙ୍କାନାଳ ୩-୧ ଗୋଲରେ ପ୍ରତିପକ୍ଷ ୱାଇ ଏଏଫସି ଚୌଦ୍ୱାର କଟକ ଦଳକୁ ହରାଇଥିଲା। ବୁଧବାର କଲିକତା ଦ୍ୱାରିକା ମିଳନ କ୍ଲବ ଓ ଢେଙ୍କାନାଳ ପପୁଲାର ଫୁଟବଲ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଲିଗ୍ ମ୍ୟାଚରେ କଲିକତା ଦ୍ୱାରିକା ମିଳନ କ୍ଲବ ୨ଟି ଗୋଲ ଦେଇଥିଲେ। ଜବାବରେ ଢେଙ୍କାନାଳ ପପୁଲାର ଫୁଟବଲ କ୍ଲବ କୌଣସି ଗୋଲ ପରିଶୋଧ କରି ପାରିନଥିଲେ। ଦ୍ୱାରିକା ମିଳନ କ୍ଲବ ୨-୦ ଗୋଲରେ ବିଜୟ ଲାଭ କରି ଭାବେ ସେମିଫାଇନାଲ ଖେଳିବା ପାଇଁ ଯୋଗ୍ୟତା ହାସଲ କରିଛି । ଆଜିର ଖେଳ ପରିଚାଳନା କରୁଥିଲେ ଶ୍ୟାମସୁନ୍ଦର ସାହା, ଲାଇନରେ ଆଶୀର୍ବାଦ ସେନ, ରବୀନ୍ଦ୍ରନାଥ ନାୟକ ଓ ଫୋର୍ଥ ଅଫିସିଆଲରେ ପ୍ରସନ୍ନ କୁମାର ନାୟକ ସହଯୋଗ କରୁଥିଲେ। ଆଜି ଖେଳର ଅତିଥି ଭାବେ ଦଶପଲ୍ଲା ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସୁମିତ କୁମାର ଜେନା ଓ ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ ଯୋଗ ଦେଇଥିଲେ ।

### ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ

# ସଭାପତି ଓ ସଦସ୍ୟଙ୍କ ନାମରେ ମାମଲା ରୁଜୁ

**ନୟାଗଡ଼,୮।୧(ସମିସ)**

**■ ଦୁର୍ବ୍ୟବହାର ଅଭିଯୋଗ ଆଣିଲେ ସମ୍ପାଦକ**
**■ ପାଲଟା ଅଭିଯୋଗ କଲେ ସଭାପତି**

ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକଙ୍କୁ ପରିଚାଳନା ପରିଷଦ ନିଷ୍ପତ୍ତି କ୍ରମେ ବ୍ୟାଙ୍କ ସଭାପତି ନିଲମ୍ବନ କରିଛନ୍ତି। କର୍ତ୍ତବ୍ୟରେ ଅବହେଳା, ବିନା ଛୁଟି ଦରଖାସ୍ତରେ ଛୁଟିରେ ରହିବା, ଆର୍ଥିକ ଅନିୟମିତତା, ପରିଚାଳନା କମିଟିକୁ ଅବମାନନା କରିବା କାରଣରୁ ଏଭଳି କରାଯାଇଥିବା ଜଣାପଡ଼ିଛି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ ଓଡ଼ିଶା ସମବାୟ ବ୍ୟାଙ୍କ କର୍ମଚାରୀ। ତାଙ୍କୁ ନୟାଗଡ଼ ଜିଲ୍ଲା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଠାରେ ସେ ଏଭଳି କାର୍ଯ୍ୟ କରିବା କାରଣରୁ ଗତ ସପ୍ତାହରେ ପରିଚାଳନା ପରିଷଦ ସମ୍ପାଦକଙ୍କୁ ବ୍ୟାଙ୍କ କାର୍ଯ୍ୟରୁ ନିବୃତ୍ତ କରିଥିଲେ। ଯାହାକୁ ନେଇ ପ୍ରାୟୋଜିତ ଭାବେ ନିୟମ ବହିର୍ଭୁତ ସମବାୟ ବିଭାଗ ରେଜିଷ୍ଟ୍ରାର ସ୍ଥଗିତାଦେଶ ପ୍ରଦାନ କରିଥିଲେ। କେଶପାନିଆ ପ୍ୟାକ୍ସ ସଭାପତିଙ୍କ ଅଭିଯୋଗ ଆଧାରରେ ଏହି ଷ୍ଟେ ଅଣାଯାଇଥିଲା। ଯାହାକୁ ନେଇ ସୋମବାର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ପରିଚାଳନା ପରିଷଦ ବୈଠକ ଆହ୍ୱାନ କରାଯାଇଥିଲା। ଏହି ବୈଠକରେ ସମ୍ପାଦକ ଅନୁପସ୍ଥିତ ରହିବା ସହ ପ୍ରୋସିଡିଂ ବହିକୁ ମଧ୍ୟ ଗାଏବ କରିଥିବା ଦେଖା ଯାଇଥିଲା। ବ୍ୟାଙ୍କରେ ବ୍ୟାପକ ଆର୍ଥିକ ଅନିୟମିତତା ସହ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଅବମାନନାକୁ ନେଇ ପରିଷଦ ତାଙ୍କୁ ନିଲମ୍ବନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। ବ୍ୟାଙ୍କ ସଭାପତି ରବୀନ୍ଦ୍ର ନାଥ ସାହୁ ତାଙ୍କୁ ନିଲମ୍ବନ କରିଥିଲେ। ମଙ୍ଗଳବାର ବ୍ୟାଙ୍କ ସମ୍ପାଦକଙ୍କୁ ସଭାପତି, ସଦସ୍ୟ ଓ ଗ୍ରାହକମାନେ ବ୍ୟାଙ୍କରୁ ଚାଲିଯିବାକୁ କହିଥିଲେ । ଯାହାକୁ ନେଇ ସମ୍ପାଦକ ଶ୍ରୀ ପଟ୍ଟନାୟକ ସଭାପତି ରବୀନ୍ଦ୍ର ନାଥ ସାହୁ, ସଦସ୍ୟ ସନ୍ୟାସୀ ପ୍ରଧାନଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ନୟାଗଡ଼ ଟାଉନଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ଘଟଣାର ପ୍ରାଥମିକ ଅନୁସନ୍ଧାନ କରିବା ପରେ ସଭାପତି ଶ୍ରୀ ସାହୁ ଓ ସଦସ୍ୟ ଶ୍ରୀ ପ୍ରଧାନଙ୍କ ନାମରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। ଏହି ମାମଲାରେ ସଭାପତି ଓ ସଦସ୍ୟ ଆଜି କୋର୍ଟରୁ ଜାମିନ ପାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷେ, ସମ୍ପୃକ୍ତ ସମ୍ପାଦକ ଶ୍ରୀ ପଟ୍ଟନାୟକ ବ୍ୟାଙ୍କରୁ ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ ନେଇ ଯାଇଥିବା କର୍ମଚାରୀମାନେ ଆଜି ପରିଚାଳନା ପରିଷଦକୁ ଅବଗତ କରିଛନ୍ତି। ପରିଚାଳନା ପରିଷଦ ନିଷ୍ପତ୍ତି ଅନୁସାରେ ସଭାପତି ଥାନାରେ ସମ୍ପାଦକ ଶ୍ରୀ ପଟ୍ଟନାୟକଙ୍କ ନାମରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି। ଏଠାରେ ପ୍ରକାଶଯୋଗ୍ୟ ଯେ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଇନକମ୍ ଟ୍ୟାକ୍ସ ନୋଟିସକୁ ନେଇ ଘାଣ୍ଟି ହେଉଛି। ୩ଟି ପ୍ୟାନ କାର୍ଡ ଜରିଆରେ ଇନକମ୍ ଟ୍ୟାକ୍ସ ଠକେଇ ହୋଇଥିବା କାରଣରୁ ବ୍ୟାଙ୍କ ଉପରେ ୩୬୫ କୋଟି ଜରିମାନା କରାଯାଇଛି। ସେହିଭଳି ଭାବେ ଜିଲ୍ଲାର ସମସ୍ତ ପ୍ୟାକ୍ସ ଉପରେ ମଧ୍ୟ ଜରିମାନା ରହିଛି। ଏହାକୁ ନେଇ ବ୍ୟାଙ୍କ ପକ୍ଷରୁ ଏକ ଫାର୍ମକୁ ଉକ୍ତ ମାମଲା ପରିଚାଳନା ପାଇଁ ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି। ଏହାକୁ ନେଇ ଜିଲ୍ଲାରେ ରାଜନୈତିକ ବାତାବରଣ ଉଷ୍ମ ରହିଛି ।

# ଜବରଦଖଲରେ ଆଦର୍ଶ ଥାନା ଜମି

ଖୋର୍ଦ୍ଧା,୮।୧(ସମିସ)



ଜବରଦଖଲ ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଥିବାବେଳେ ଖୋର୍ଦ୍ଧା ଆଦର୍ଶଥାନା ଜମି ବି ଏଥିରୁ ବାଦ ପଡ଼ିନି। ଆଦର୍ଶଥାନା ଚତୁଃପାଶ୍ୱର୍ରେ ସୁରକ୍ଷା ପ୍ରାଚୀର ନଥିବାରୁ ଥାନା ଜମିକୁ କେତେକ ବ୍ୟବସାୟୀ ଜବରଦଖଲ କରି ରଖିଥିବା ଅଭିଯୋଗ ହୋଇଛି। ଏନେଇ ଜିଲ୍ଲାପାଳଙ୍କ ନିକଟରେ ବିଗତ ଦିନରେ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଏହାକୁ ସେଭଳି ଗୁରୁତ୍ୱ ଦେଉନଥିବା କୁହାଯାଉଛି। ଫଳରେ ଜବରଦଖଲକାରୀ ଉକ୍ତ ଜମିରେ ସ୍ଥାୟୀ ଘର କରିଥିଲେ। କିଛିଦିନ ତଳେ ସହରରୁ କ୍ୟାବିନ ଉଚ୍ଛେଦ କରାଯିବାରେ ଯଦିଓ କିଛି ଜବରଦଖଲ ହଟିଛି, ତଥାପି ଜବରଦଖଲରେ ରହିଛି ଥାନା ଜମି। ତେଣୁ କେବେ ଆଦର୍ଶଥାନା ଜମି ଜବରଦଖଲ ମୁକ୍ତ ହେବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବାସ୍ତବରେ ଜବରଦଖଲ ମୁକ୍ତ ହେବ ନା ଯଥା ପୂର୍ବଂ ତଥା ପରଂ ସ୍ଥିତିରେ ରହିବ।

ପ୍ରକାଶଥାଉକି, ସହରର ମଧ୍ୟସ୍ଥଳ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରହିଛି ପୁରାତନ ଖୋର୍ଦ୍ଧା ଥାନା। ଥାନାରୁ ପୁରୁଣା ଘରକୁ ଭଙ୍ଗାଯାଇ ନବୀକରଣ କରାଯାଇଥିବାବେଳେ ଏଠାରେ ଏବେ ଆଦର୍ଶଥାନା ଚାଲୁଛି। ହେଲେ ଏହାର ବହୁ ମୂଲ୍ୟବାନ ଜମି ବର୍ତ୍ତମାନ ବିଭିନ୍ନ ଜବରଦଖଲକାରୀଙ୍କ କବଳକୁ ଚାଲିଯାଇଥିବାରୁ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଆଦର୍ଶ ଥାନାର ସମୁଦାୟ ୨ ଏକର ୧୦୦ ଡିସିମିଲ ଜମିଥିବା ସରକାରୀ ରେକର୍ଡରୁ ଜଣାପଡ଼ିଛି। ପ୍ରାଥମିକ ପର୍ଯ୍ୟାୟରେ ଏହି ଥାନାର ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ କରାଯାଇଥିଲେ ହେଁ ତାହାର ଉପଯୁକ୍ତ ରକ୍ଷଣାବେକ୍ଷଣ ନହୋଇ ପାରିବାରୁ ସମ୍ମୁଖଭାଗର କିଛି ଅଂଶକୁ ଛାଡିଦେଲେ ଅନ୍ୟ ସ୍ଥାନମାନଙ୍କରେ ପାଚେରି ନଥିବା ଦେଖାଯାଇଛି। ତହସିଲ ଅଫିସ ପଟ ପାଚେରି ଅଧାଭାଙ୍ଗି ପଡିଛି। କେବଳ ବ୍ୟବସାୟୀଙ୍କ କ୍ୟାବିନ ଓ ଦୋକାନ ପଛପାଶ୍ୱର୍ ଥାନା ପାଚେରି ସଦୃଶ ରହିଛି। ପ୍ରାୟ ୧୯୭୦ ମସିହାରୁ ଏହି ଥାନାର ଚତୁଃପାର୍ଶ୍ୱ ପାଚେରି ନଷ୍ଟ ହୋଇଥିବା କୁହାଯାଉଛି। ତେବେ ଥାନାର ନୂଆ ବିଲ୍ଡିଂ ପରେ ମଧ୍ୟ ସୁରକ୍ଷା ପାଚେରି କରାନଯିବାରୁ

## ନାହିଁ ସୁରକ୍ଷା ପାଚେରି; ଜବତ ଗାଡ଼ି ଚୋରି ହେବା ଆଶଙ୍କା

ଏହାର ସୁଯୋଗ ନେଇ କେତେକ ବ୍ୟବସାୟୀ ଜବରଦଖଲ କରିଥିବା ଦେଖାଯାଇଛି। ଥାନା ଜମିକୁ ମଡାଇ କେତେକ ବ୍ୟବସାୟୀ ନିଜର ବ୍ୟବସାୟିକ ଅନୁଷ୍ଠାନ କରିଥିବା ଅଭିଯୋଗ ହେଉଛି।

ଦୀର୍ଘବର୍ଷ ଧରି ଏହି ଥାନା ଜମି ଜବରଦଖଲ ହୋଇଥିଲେ ମଧ୍ୟ ଏଥିପ୍ରତି ଥାନା କି ଜିଲ୍ଲା ପୁଲିସର କୌଣସି ପ୍ରତିକ୍ରିୟା ନଥିବାରୁ ବେଆଇନ ନିର୍ମାଣ କାର୍ଯ୍ୟ ପ୍ରତି ଏଯାବତ୍ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା କହିଛନ୍ତି ବରିଷ୍ଠ ସାମ୍ବାଦିକ ରାଜୀବ ଲୋଚନ ଷଡଙ୍ଗୀ। ତେଣୁ ଏହି ଥାନା ପାଇଁ ଉଦ୍ଦିଷ୍ଟ ଜମି ଅବିଳମ୍ବେ ମାପଚୁପ ପାଇଁ ପୂର୍ବ ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ସେ ଲିଖିତ ଭାବେ ଜଣାଇଥିଲେ। ଶ୍ରୀ ଚକ୍ରବର୍ତ୍ତୀ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବା ସ୍ୱରୁପ ପୂର୍ତ୍ତ ବିଭାଗକୁ ଚିଠି ନଂ-୧୪୩୨, ୨୬।୬।୨୦୨୩ରେ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ପୂର୍ତ୍ତ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇଥିଲେ। ବିଭାଗୀୟ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଚିଠି ନଂ -୫୬୩, ୩।୮।୨୦୨୩ରେ ଏହାର ତୁରନ୍ତ ମାପଚୁପ ପାଇଁ ତହସିଲଦାରଙ୍କୁ ଚିଠି କରିଥିଲେ। ହେଲେ ଇତିମଧ୍ୟରେ ଏହି ଚିଠିକୁ ପ୍ରାୟ ଦେଢ଼ବର୍ଷ ବିତିବାକୁ ବସିଥିବାବେଳେ ଏଯାବତ୍ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏହାର ଫାଇଦା ଜବରଦଖଲକାରୀ ନେଉଥିବାବେଳେ ଥାନାର ଜବତ ଗାଡି, ମେସିନ ପ୍ରଭୃତିର ସୁରକ୍ଷା ପ୍ରତି ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଥାନା ଜମିକୁ ମାପଚୁପ କରିବା ସହ ଚତୁଃପାଶ୍ୱର୍ରୁ ଜବରଦଖଲମୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି। ଏନେଇ ଖୋର୍ଦ୍ଧା ତହସିଲଦାର ବିଭାସ ପାଣିଗ୍ରାହୀଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଏନେଇ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।

## ଉପକୂଳ ରାଜପଥ ନିର୍ମାଣ ପାଇଁ ଜନଶୁଣାଣି



**ନିରାକାରପୁର,୮।୧(ସମିସ):** ବହୁ ପ୍ରତିକ୍ଷୀତ ଉପକୂଳ ରାଜପଥର ନିର୍ମାଣ ନିମନ୍ତେ ଖୋର୍ଦ୍ଧା ଜିଲ୍ଲା ପାଇଁ ଜନଶୁଣାଣି ଜାନୁଆରୀ ୮ ତାରିଖ ବୁଧବାର ଟାଙ୍ଗୀ ବ୍ଲକର ହରିପୁର ଗ୍ରାମରେ ଥିବା ଉଗ୍ରତାରା ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲ୍ଲାପାଳ ଦୀପ୍ତି ରଞ୍ଜନ ସେଠୀ, ତହସିଲଦାର ମିତାଲୀ ପାତ୍ର, ରାଜ୍ୟ ପରିବେଶ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ଆଞ୍ଚଳିକ ଅଧିକାରୀ ମୋହନ ଗିରି, ଜାତୀୟ ରାଜପଥ ପ୍ରାଧିକରଣ ଯାନ୍ତ୍ରିକ ଅଧିକାରୀ ୟୁସି ପାଣି, ରାଜ୍ୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଡେପୁଟି ଯନ୍ତ୍ରୀ ସୌମେନ୍ଦ୍ର ମହାନ୍ତି ଓ ସହ ପରିବେଶ ବୈଜ୍ଞାନିକ ସୌମ୍ୟ ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଜମି ମାଲିକ ଓ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ଓ ପରାମର୍ଶ ସମ୍ପର୍କରେ ଅବଗତ ହେବା ସହିତ ଏହି ରାସ୍ତାର ବ୍ୟୟ ବିବରଣୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଉପକୂଳ ରାଜପଥ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବଡ଼ପୋଖରିଆ ନିକଟରେ ଥିବା ସୁନେଇ ରୁପେଇ ମନ୍ଦିର ପାଖରୁ ଆରମ୍ଭ ହୋଇ ବ୍ରହ୍ମଗିରି, ପୁରୀ, କୋଣାର୍କ, ଅସ୍ତରଙ୍ଗ, ଆମ୍ବିକି, କୁଜଙ୍ଗ, ପାରାଦୀପ, ମହାକାଳପଡ଼ା ଆଦି ପଶ୍ଚିମବଙ୍ଗର ଦୀଘା ଯାଏ ଯିବ। ଏହାକୁ ଜାତୀୟ ରାଜପଥ ୩୧୬ (କ) ନାମରେ ନାମିତ କରାଯାଇଛି। ଏହା ଏକ ଆକ୍ସେସ କଣ୍ଟ୍ରୋଲଡ ଗ୍ରୀନ୍‌ଫିଲଡ ଜାତୀୟ ରାଜପଥ ଭାବେ ନିର୍ମାଣ ହେବ। ରାସ୍ତାଟି ହେଲେ ସମ୍ପୃକ୍ତ ଅଞ୍ଚଳ ମାନଙ୍କରେ ଶିଳ୍ପାୟନର ବୃଦ୍ଧି ହେବ ସହ ନିଯୁକ୍ତିର ସୁଯୋଗ ସୃଷ୍ଟି ହେବ ଏବଂ ଲୋକମାନଙ୍କର ଅର୍ଥନୀତିରେ ଅଭିବୃଦ୍ଧି ଘଟିବ।

## ପ୍ରାଥମିକ ଉପଚାର ତାଲିମ ସଚେତନତା



**ବାଲୁଗାଁ,୮ ।୧(ସମିସ):** ବାଣପୁର ବ୍ଲକ ଅନ୍ତର୍ଗତ ଅଲାଇଡିହ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସେଣ୍ଟଜନ ଆମ୍ବୁଲାନ୍ସର ଆଜୀବନ ସଦସ୍ୟ ତଥା ସମାଜସେବୀ ଅନନ୍ତ ଚରଣ ଖଟେଇଙ୍କ ଦ୍ୱାରା ପ୍ରାଥମିକ ଉପଚାର ତାଲିମ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଡ଼କ ଦୁର୍ଘଟଣାର ସୁରକ୍ଷା, ସାପ କାମୁଡା, ଅଂଶୁଘାତରୁ ସୁରକ୍ଷା ପାଇବା ପାଇଁ ଉପଚାର, ବଜ୍ରପାତରୁ ନିଜକୁ ଓ ଅନ୍ୟମାନଙ୍କୁ କିପରି ସୁରକ୍ଷା ଦିଆଯାଇପାରିବ ତଥା ରକ୍ଷା କରାଯାଇ ପାରିବ, ସେ ସମ୍ପର୍କିତ ବିଭିନ୍ନ କୌଶଳ ଉପସ୍ଥିତ ବିଦ୍ୟାଳୟର ଶତାଧିକ ଛାତ୍ର ଛାତ୍ରୀ ଓ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏତତ ବ୍ୟତୀତ ଜଳ ସଂରକ୍ଷଣ, ପରିବେଶ ସୁରକ୍ଷା, ପରିମଳ, ନିଶା ନିବାରଣ, ରକ୍ତଦାନ, ଅଙ୍ଗଦାନ ଆଦି ମହତ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ଶ୍ରୀ ଖଟେଇ। ପ୍ରଶିକ୍ଷଣ ପାଇଁ ବିଦ୍ୟାଳୟ ତରଫରୁ ଶ୍ରୀ ଖଟେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ସୁଶାନ୍ତ କୁମାର ପଣ୍ଡା ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସସ୍ମିତା ଖୁଣ୍ଟିଆ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ଦେବୀଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ଅଲିଭା ପଟ୍ଟନାୟକ, ରେଣୁକା ପ୍ରଧାନ, ରୋଜାଲିନ୍ ମହାପାତ୍ର, ସୋମାନୀ ଦାଶ, ରୋମିଲା ପ୍ରମୁଖ ସହଯୋଗ କରିଥିଲେ।

## ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା କମିଟି ଗଠିତ



**ବେଗୁନିଆ,୮।୧(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ପଞ୍ଚାୟତ ବିଭିନ୍ନ ଗ୍ରାମରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କମିଟି ସହଯୋଗରେ ପ୍ରଚଣ୍ଡେଶ୍ୱର ସେବା ସଂସ୍ଥା ପକ୍ଷରୁ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା କମିଟି ଗଠନ ହୋଇଛି। ଏହି କାର୍ଯ୍ୟକ୍ରମ ଦେଉଳି, ଡଙ୍ଗରପଡ଼ା, ସାମନ୍ତରାପୁର ଏବଂ ଓଗାଳପୁର ଆଦି ଗ୍ରାମର ମହିଳା ଗୋଷ୍ଠୀ, ୱାର୍ଡ ସଭ୍ୟ, ଆଶା କର୍ମୀ ଓ ଅଙ୍ଗନବାଡ଼ି କର୍ମୀ ଆଦି ଉପସ୍ଥିତ ରହି କମିଟି ଗଠନ କରାଯାଇଛି। ପରେ ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ପେଣ୍ଠୋଇଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ମୁଖ୍ୟ ଅତିଥି, ସମାଜସେବୀ ଯୋଗେଶ୍ୱର ପଣ୍ଡା, ଗୋବିନ୍ଦ ଚନ୍ଦ୍ର ଖୁଣ୍ଟିଆ ଓ ପ୍ରୋଜେକ୍ଟ ସଂଯୋଜକ ଦାଶରଥି ଶ୍ରୀଚନ୍ଦନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣ ମାନଙ୍କର ଧନଜୀବନ ରକ୍ଷା କରିବା ପାଇଁ ସ୍ୱେଚ୍ଛାକୃତ ଭାବେ ଜନସାଧାରଣ ସଜାଗ ରହିବା ବୋଲି ମତ ପ୍ରକାଶ କରିଥିଲେ।

## ଦେଶୀମଦ ଜବତ; ଦୁଇ ଗିରଫ

**ବାଲୁଗାଁ,୮।୧(ସମିସ):** ବାଲୁଗାଁ ପୁଲିସ ମଙ୍ଗଳବାର ରାତିରେ ପାଟ୍ରୋଲିଂ ବେଳେ ବେଆଇନ ଚୋରା ମଦ ଚାଲାଣ ହେଉଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇଥିଲା। ଥାନାଧିକାରୀ ଜୟପ୍ରକାଶ ପରିଡାଙ୍କ ନିର୍ଦ୍ଦେଶ କ୍ରମେ ପାଟ୍ରୋଲିଂ ଟିମ୍ ନାଭାଲ ଛକ ଉପରେ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ଦୁଇ ଜଣ ମଦ ବେପାରୀ ଏକ ସ୍କୁଟି ଯୋଗେ ବସ୍ତାରେ ବିପୁଳ ପରିମାଣର ବେଆଇନ ଦେଶୀମଦ ନେଇ ଯାଉଥିବା ଦେଖି ପୁଲିସ ସେମାନଙ୍କୁ ଅଟକାଇଥିଲା। ସେମାନଙ୍କଠାରୁ ୨ଶହ ପ୍ୟାକେଟ ତଥା ୫୬ ଲିଟର ଚୋରା ଦେଶୀମଦ ଜବତ କରାଯାଇଥିଲା। ଗାଡ଼ିକୁ ଜବତ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ପୁଲିସ। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ, ବାଲୁଗାଁ ରାଜିବ ନଗର ଅଞ୍ଚଳର ଅଭୟ ନାୟକ (୨୨) ଓ ଜଟିଆ ନାୟକ (୨୬)। ଏନେଇ ବାଲୁଗାଁ ଥାନାରେ ଏକ ମାମଲା ରୁଜୁ କରିବା ସହ ଗିରଫ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

## ଚିଲିକା ଆଦ୍ରଭୂମି ଗବେଷଣା କେନ୍ଦ୍ର ପରିଦର୍ଶନ କଲେ ପ୍ରତିନିଧିଦଳ

**ବାଲୁଗାଁ,୮ ।୧(ସମିସ):** ବିଭିନ୍ନ ରାଜ୍ୟରୁ ଆସିଥିବା ଏକ ୬୨ଜଣିଆ ପ୍ରତିନିଧିଦଳ ଜାତୀୟ ଚିଲିକା ବିହଙ୍ଗ ଉତ୍ସବରେ ଯୋଗ ଦେଇଛନ୍ତି। ଚିଲିକା ବନ୍ୟପ୍ରାଣୀ ବିଭାଗ ଡିଏଫଓ ଅମ୍ଲାନ ନାୟକଙ୍କ ତତ୍ତ୍ୱାବଧାନରେ ଉକ୍ତ ପ୍ରତିନିଧିଦଳ ମଙ୍ଗଳବାର ସକାଳେ ମଙ୍ଗଳାଯୋଡି

### ଜାତୀୟ ଚିଲିକା ବିହଙ୍ଗ ଉତ୍ସବ



ପରିଭ୍ରମଣରେ ଯାଇ ବିଦେଶାଗତ ପକ୍ଷୀଙ୍କ ମନଲୋଭା ଦୃଶ୍ୟ ଉପଭୋଗ କରିବା ପରେ ଅପରାହ୍ନରେ ଫେରି ବାଲୁଗାଁ ନିକଟସ୍ଥ ସିଡିଏ ଆଦ୍ରଭୂମି ଗବେଷଣା କେନ୍ଦ୍ରରେ ପହଞ୍ଚିଥିଲେ। ସିଡିଏ ଆଦ୍ରଭୂମି ଗବେଷଣା କେନ୍ଦ୍ର ସହ ଉକ୍ତ କେନ୍ଦ୍ରରେ ଥିବା ମାଛ ସଂଗ୍ରହାଳୟ ପରିଦର୍ଶନ କରିଥିବା ବେଳେ ଏହି ପ୍ରତିନିଧିଦଳ ସେଠାରେ ଚିଲିକାର ବର୍ତ୍ତମାନ ସ୍ଥିତିକୁ ଅନୁଧାନ କରିବା ସହ ସିଡିଏ ତରଫରୁ ଆୟୋଜିତ ଚିଲିକା ଉପରେ ଏକ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ଦେଖିଥିଲେ। ପରେ ସଂଗ୍ରହାଳୟରେ ପ୍ରଦର୍ଶିତ ବିଭିନ୍ନ ଜୈବ ବିବିଧତା ସାଙ୍ଗକୁ ଚିଲିକାରେ ଦୃଶ୍ୟମାନ ବିଭିନ୍ନ ପ୍ରଜାତିର ମାଛ ଏବଂ ବଡକୁଲସ୍ଥିତ ପୂର୍ବସା ଓଡି ଆର୍ଟ ସଂଗ୍ରହାଳୟରେ ସ୍ଥାନିତ ଓଡ଼ିଶାର କଳା ସଂସ୍କୃତି ଉପରେ ପର୍ଯ୍ୟବେକ୍ଷିତ ବିଭିନ୍ନ ସାମଗ୍ରୀ ପରିଦର୍ଶନ କରିଥିବା ନେଇ ଉକ୍ତ ପ୍ରତିନିଧିଦଳର ନିର୍ଦ୍ଦେଶକ ଚନ୍ଦ୍ର ଶେଖର ସାହୁ ସୂଚନା ଦେଇଛନ୍ତି। ଏହି ପ୍ରତିନିଧିଦଳ ବୁଧବାର ସକାଳୁ ପକ୍ଷୀ ଅଭୟାରଣ୍ୟ ନଳବଣ ପରିଦର୍ଶନ କରି ବିଭିନ୍ନ ପ୍ରାନ୍ତରୁ ଆସିଥିବା ରଙ୍ଗ ବେରଙ୍ଗର ବିଦେଶାଗତ ପକ୍ଷୀଙ୍କ ଜଳକ୍ରୀଡ଼ା ଉପଭୋଗ କରିଛନ୍ତି।

## ୧୨ତମ ଭଗବତୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ | ଫାଇନାଲରେ ନୟାଗଡ଼ ସ୍ପୋର୍ଟସ୍ ହଷ୍ଟେଲ

**ନିରାକାରପୁର,୮।୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଛଣଗିରି ମା' ଭଗବତୀ ଫୁଟ୍‌ବଲ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୧୨ତମ ଭଗବତୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ ମ୍ୟାଚ୍ ନୟାଗଡ ସ୍ପୋର୍ଟସ ହଷ୍ଟେଲ ଓ ସ୍ପୋର୍ଟସ ଇଲେଭେନ୍ ବୋଲଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ନୟାଗଡ଼ ସ୍ପୋର୍ଟସ ହଷ୍ଟେଲ ୧-୦ ଗୋଲ୍‌ରେ ବିଜୟଲାଭ କରି ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳକୁ ଶରତ କୁମାର ଛୋଟରାୟ, ସୁକାନ୍ତ କୁମାର ପ୍ରଧାନ ଓ ଚିତ୍ତରଞ୍ଜନ ପରିଡ଼ା, ଶରତ କୁମାର ଛୋଟରାୟ, ଫକୀର ଚରଣ ନିସଙ୍କ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିଭାବେ ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ସଭାପତି ମାନସ ଦାସ, ଉପସଭାପତି ସଞ୍ଜୟ କୁମାର ମହାପାତ୍ର, ସମ୍ପାଦକ ସୁଶାନ୍ତ



ଗଜେନ୍ଦ୍ର, ଉପଦେଷ୍ଟା ନୀଳ ଲୋହିତ ମହାନ୍ତି, କୋଷାଧ୍ୟକ୍ଷ ଶେଖ୍ ଇସ୍ରାଏଲ, ବୀରେନ ମହାପାତ୍ର, ପତିତପାବନ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ ଚୌହାନ, ଅଭିରାମ ପାତ୍ର, ଆନନ୍ଦ ଜେନା, ସଞ୍ଜୟ ବେହେରା, ଉପଦେଷ୍ଟା ଶେଖ୍ ଗୋଲାମ ରସୁଲ, ରମାକାନ୍ତ ପଟ୍ଟନାୟକ, କେଳୁ ଚରଣ ସେଠୀ, ନୃସିଂହ ଚରଣ ମହାନ୍ତି, ପ୍ରଭାତ କୁମାର ପ୍ରହରାଜ, ସେକ ଶକୁନ, ଟିମା ବେହେରା, ସତ୍ୟଜିତ ଦାସ, ରବୀନ୍ଦ୍ର ସାହୁ, ବିଶ୍ୱନାଥ ପ୍ରଧାନ, ଯୋଗେନ୍ଦ୍ର ସାହୁ ଓ ଭାସ୍କର ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

**ବୋଲଗଡ଼,୮।୧(ସମିସ):** ବୋଲଗଡ଼ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ତଥା ଅବସରପ୍ରାପ୍ତ ରବୀନ୍ଦ୍ର ନାଥ ପାଣିଗ୍ରାହୀ ଓ ଶିକ୍ଷାବିତ୍ ସୁମନ୍ତ କୁମାର ଛୋଟରାୟ ସମ୍ମାନିତ ଅତିଥି ରୂପେ ଯୋଗଦେଇ ଅବସପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ଦାବି ସମ୍ପର୍କରେ ସରକାର ସମ୍ବେଦନଶୀଳ ହେବା ଜରୁରୀ ବୋଲି କହିଥିଲେ। ଏହି



ପ୍ରଶାସନିକ ଅଧିକାରୀ ନବକିଶୋର ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଶିକ୍ଷୟିତ୍ରୀ ଗୀତାଞ୍ଜଳି ମହାପାତ୍ରଙ୍କ ବେଦପାଠ ସହ ଉତ୍ସବର ଶୁଭାରମ୍ଭ ହୋଇଥିଲା। ଶିକ୍ଷାବିତ୍ ଗୋପୀନାଥ ଖାଡଙ୍ଗା ଉତ୍ସବର ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ପ୍ରଭାତୀ ରଥ ଆବାହନୀ ସଙ୍ଗୀତ ଗାନ କରିଥିଲେ। ସମ୍ପାଦକ ରଘୁନାଥ ଦଳବେହେରା ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ଐତିହାସିକ ରବୀନ୍ଦ୍ର କୁମାର ପରିଡା, ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଶିକ୍ଷାବିତ୍ ଦିବାକର ପରମଗୁରୁ, ଗୋପୀନାଥ ଖାଡ଼ଙ୍ଗା, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ସାବିତ୍ରୀ ସୁବୁଦ୍ଧି, ନବକିଶୋର ପାଇକରାୟ, ବାନାମ୍ବର ଗୋଛି, ପ୍ରଫୁଲ୍ଲ ମାନସିଂହ, ଗୋଦାବରୀଶ ମିଶ୍ର, କେଶବ ଚନ୍ଦ୍ର ଭୋଳ ଓ ସୁରଥ ମହାରଣାଙ୍କ ସମେତ ଦଶ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ତ୍ରିପାଠୀ ମାନପତ୍ର ପାଠ କରିଥିଲେ। ଶେଷରେ ଶିକ୍ଷାବିତ୍ ହରିବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଡାକ୍ତର ଅଚ୍ୟୁତ ସାହୁ, ଅଇଁଠୁ ରଣସିଂହ, ଗଙ୍ଗାଧର ଜେନା, ସେବତୀ ପରିଡା ଓ ଲଛମନ ପରିଡା ପ୍ରମୁଖ ସହଯୋଗ କରିଥିଲେ।

## ମଦ ଜବତ; ୩ ଗିରଫ

**ବେଗୁନିଆ,୮।୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଅବକାରୀ ଥାନାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୨୧ ଲିଟର ଦେଶୀମଦ ଓ ଗୋଟିଏ ସ୍କୁଟି ଜବତ କରାଯାଇଛି। ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଥାର୍ପା ମାରାଣ୍ଡିଙ୍କ ସୂଚନା ଅନୁଯାୟୀ, ୩ ଅଭିଯୁକ୍ତମାନେ ହେଲେ ପିଚୁକୁଳି ଗ୍ରାମର ଅଶୋକ ନାୟକ, ବେଗୁନିଆ ଗ୍ରାମର ଲଳିତା ସାହୁ ଓ ଡିଙ୍ଗର ଗ୍ରାମର ଲତା ଖୁଣ୍ଟିଆ।



● ଶ୍ରୀମନ୍ଦିର ଜମିରେ ବେଆଇନ ଗ୍ରାନାଇଟ୍ ପଥର ଖଣି ପ୍ରସଂଗ

## ୬ ସପ୍ତାହ ମଧ୍ୟରେ ସତ୍ୟପାଠ ଦିଅ: ହାଇକୋର୍ଟ

**କଟକ,୮ ।୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ମୌଜାରେ ଥିବା ପୁରୀ ଶ୍ରୀମନ୍ଦିରର ଜମିରେ ବେଆଇନ ଭାବେ ମାଙ୍କଡା ପଥର ତଥା ଗ୍ରାନାଇଟ ଖଣି ଖନନ ପାଇଁ ସ୍ଥାନୀୟ ଅଞ୍ଚଳର ପରିବେଶ ପ୍ରଦୂଷିତ ହେଉଥିବା ପ୍ରସଂଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ଶୁଣାଣି କରୁଛନ୍ତି ହାଇକୋର୍ଟ। ଏହି ମାମଲାରେ ପ୍ରତିପକ୍ଷ ରାଜ୍ୟ ସରକାର, ଖୋର୍ଦ୍ଧା ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ତହସିଲଦାରଙ୍କ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ହାଇକୋର୍ଟ ନୋଟିସ ଜାରି କରି ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଜବାବ ଦାଖଲ କରାଯାଇପାରିନାହିଁ। ଏହି ପ୍ରସଂଗରେ ଖୋର୍ଦ୍ଧା ଜିଲ୍ଲାପାଳ ଆସନ୍ତା ୬ ସପ୍ତାହ ମଧ୍ୟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।

ପ୍ରକାଶ ଯେ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ନିଜିଗଡ, ତାପଙ୍ଗ, ଅନ୍ଧ, ଝିଙ୍କିଝରି ଆଦି ଅଞ୍ଚଳର ପ୍ରାୟ ୫୦୦ ଏକର ପରିମିତ ପୁରୀ ଶ୍ରୀମନ୍ଦିର ଜମିରେ ୭୨ଟି ବେଆଇନ ମାଙ୍କଡା ପଥର ଖଣି ଚାଲିବା ସହ ପରିବେଶ ପ୍ରଦୂଷିତ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏପରିକି ଜମି ଗୁଡିକରୁ ପଥର ଖନନ ପାଇଁ କୋ÷ଣସି ଲିଜ ମିଳିନଥିଲେ ସୁଦ୍ଧା ମୂଲ୍ୟବାନ ଗ୍ରାନାଇଟ ପଥର ବ୍ଲାଷ୍ଟିଂ କରାଯାଇ ଉତ୍ତୋଳନ କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥାନୀୟ ତହସିଲଦାରଙ୍କୁ ଏ ସଂକ୍ରାନ୍ତରେ ଚିଠି କରାଯାଇଥିଲେ ସୁଦ୍ଧା ବେଆଇନ ପଥର ଖଣି ବନ୍ଦ ପାଇଁ ପଦକ୍ଷେପ ନିଆଯାଇନି ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃଆରି ୧୯କୁ ଧାର୍ଯ୍ୟ ହୋଇଛି।

ଗିନି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ୍ ବିଜୟୀ

ଖୋର୍ଦ୍ଧା,୮।୧(ସମିସ)



ସ୍ଥାନିୟ ଷ୍ଟାଡିୟମରେ ଜିଲ୍ଲା କ୍ରିକେଟ ଆସୋସିଏସନ୍ ପକ୍ଷରୁ ସବ୍ୟସାଚୀ ଦିନେଶ ମେମୋରିଆଲ ଗିନି କପ୍‌ର ଦ୍ୱିତୀୟ ସଂସ୍କରଣର ଚତୁର୍ଥ ଦିନରେ ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ଏକ ରୋମାଞ୍ଚକର ମ୍ୟାଚ୍‌ରେ ୟୁନିଅନ୍ ସ୍ପୋର୍ଟିଂକୁ ୧ ୱିକେଟ୍ ବ୍ୟବଧାନରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚ୍‌ରେ ଖୋର୍ଦ୍ଧା ତହସିଲଦାର ବିଭାସ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ, ଭୁବନେଶ୍ୱର ଟସ୍ ଜିତି ବୋଲିଂର ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭର୍‌ରେ ୟୁନିଅନ୍ ସ୍ପୋର୍ଟିଂ କ୍ଲବ ୯ ୱିକେଟ୍ ହରାଇ ୧୦୨ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅକ୍ଷୟ ସିଂହ ୪୦ ବଲ୍‌ରେ ସର୍ବାଧିକ ୩୭ ରନ ସଂଗ୍ରହ କରିଥିଲେ। ମୁକ୍ତେଶ୍ୱର ଟିମ୍ ପକ୍ଷରୁ ଶ୍ରୀରାଜ୍ ପଟ୍ଟନାୟକ ୪ ଓଭରରେ ୧୭ ରନ୍ ବିନିମୟରେ ୩ ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ମୁକ୍ତେଶ୍ୱର କ୍ରିକେଟ ଟିମ୍ ୧୯.୪ ଓଭରରେ ୯ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ହିମାଂଶୁ ୧୭ ବଲ୍ ଖେଳି ୨୭ ରନ୍ ସଂଗ୍ରହ କରିଥିବା ବେଳେ ଶ୍ରୀରାଜ୍ ପଟ୍ଟନାୟକ ୫ଟି ବଲ ଖେଳି ୧୩ ରନ୍ ସଂଗ୍ରହ କରି ଟିମ୍‌କୁ ବିଜୟୀ କରାଇଥିଲେ। ମୁକ୍ତେଶ୍ୱର ଟିମ୍‌ର ଶ୍ରୀରାଜ୍ ପଟ୍ଟନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ। ଆଜିର ମ୍ୟାଚ୍‌କୁ ଅମ୍ପାୟାର ଭାବେ ପ୍ରୀତିରଞ୍ଜନ ବିଜୟସିଂହ ଏବଂ ଚନ୍ଦ୍ରମୋହନ ବରାଳ ପରିଚାଳନା କରିଥିଲେ। ଜନ୍ମେଜୟ ଏବଂ ରବି ନାରାୟଣ ପରିଡ଼ା ସ୍କୋର ବୋର୍ଡ ପରିଚାଳନା କରିଥିଲେ। ଏହି ଅବସରରେ ବିଶିଷ୍ଟ କ୍ରୀଡାବିତ୍ ତଥା ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନ୍‌ର ବରିଷ୍ଠ ସଭ୍ୟ ବିଜୟ କୁମାର ସାହୁ, କ୍ରୀଡ଼ାବିତ୍ ଶୁଭେନ୍ଦୁ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍ ଶ୍ରୀରାଜ୍ ପଟ୍ଟନାୟକଙ୍କୁ ଟ୍ରଫି ପ୍ରଦାନ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଟାଙ୍ଗୀ,୮।୧(ସମିସ):** ଟାଙ୍ଗୀ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଓ ବୟୋଶ୍ରୀ ମେଳା ପଞ୍ଚାୟତସମିତି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ବ୍ଲକ ଅଧୀନସ୍ଥ ୨୬ଟି ପଞ୍ଚାୟତରୁ ବିଭିନ୍ନ ବର୍ଗର ଭିନ୍ନକ୍ଷମ ଯୋଗଦେଇଥିଲେ। ଏହି ଶିବିର ମାଧ୍ୟମରେ ଭିନ୍ନକ୍ଷମମାନଙ୍କର ପ୍ରମାଣପତ୍ର ପାଇଁ ମେଡିକାଲ୍ ଯାଞ୍ଚ ପ୍ରକ୍ରିୟା କରାଯିବା ସହ ନୂତନ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇଦେବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ଏଥିସହ ଭିନ୍ନକ୍ଷମଙ୍କୁ ବିଭିନ୍ନ ପ୍ରକାରର ଆବଶ୍ୟକୀୟ ଉପକରଣ ଯୋଗାଇ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଅଲ, ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିସ୍ମା ମାନଧାତା, ଟାଙ୍ଗୀ ବିଡିଓ ରୁମାନା ଜାଫ୍ରି, ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା, ମଙ୍ଗଳାଯୋଡି ସମିତିସଭ୍ୟା କସ୍ତୁରୀ ପାଲଟାସିଂ, ବଡପାରୀ ସରପଞ୍ଚ ପ୍ରଫୁଲ କୁମାର ଦାସଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟା, ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ।

ଡଃ. ସରୋଜ କୁମାର ନାୟକ, ଡଃ. ଆଲୋକଜ୍ୟୋତି ସାହୁ, ଡଃ ବାଳକୃଷ୍ଣ ରଥଙ୍କ ସମେତ ବିଭିନ୍ନ ବିଭାଗୀୟ ଚିକିତ୍ସକ ଯୋଗ ଦେଇଥିଲେ। ଶିବିରରେ ୫୩୫ ଜଣ ଭିନ୍ନକ୍ଷମ ଯୋଗ ଦେଇଥିଲେ।

